52 YEARS ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

# ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ
ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004/83 | Vol. : 44/ Issue : 106 | Brahmapur | Saturday 30 May 2026 | ବର୍ଷ: ୪୫/ ଅଙ୍କ: ୧୦୬ | ଶନିବାର ୩୦ ମଇ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦

# ଆଜିଠାରୁ ରାଜ୍ୟରେ ଏସଆଇଆର

## ଘର ଘର ବୁଲିବେ ବିଏଲଓ, ସଂଗ୍ରହ କରିବେ ତଥ୍ୟ

ଭୁବନେଶ୍ୱର, ୨୯।୫: ଆଜିଠାରୁ ରାଜ୍ୟରେ ଏସଆଇଆର୍। ଜୁନ ୨୮ ଯାଏଁ ଚାଲିବ ଏସଆଇଆର । ଘର ଘର ବୁଲିବେ ବିଏଲଓ। ଏଥିପାଇଁ ବିଏଲଓଙ୍କୁ ଦିଆଯାଇଛି ଟ୍ରେନିଂ। ସାମ୍ବାଦିକ ସମ୍ମିଳନୀ କରି ଏସ୍ଆଇଆର୍ ନେଇ ତଥ୍ୟ ରଖିଲେ ମୁଖ୍ୟ ନିର୍ବାଚନ ଅଧିକାରୀ। ରାଜ୍ୟରେ ୩ କୋଟି ୩୩ ଲକ୍ଷ ୯୯ ହଜାର ୫୯୧ ଘର ବୁଲି ଗଣନା କରିବେ ବିଏଲଓ। ୪୫ ହଜାର ୨୫୫ ବ୍ଲକ ଲେବୁଲ୍ ଅଫିସର ନିଯୁକ୍ତି ହୋଇଛନ୍ତି।

ଏହାସହ ୩୧ ହଜାର ୨୬ ବୁଥ ଲେବୁଲ ଏଜେଣ୍ଟ ମଧ୍ୟ ଦେଇଛନ୍ତି। ପ୍ରତିଦିନ ସନ୍ଧ୍ୟାରେ ୩ଟାରୁ ୫ଟା ବୁଥ୍‌ରେ ଉପସ୍ଥିତ ରହିବେ ବିଏଲ୍‌ଓ। ସକାଳେ ଘର ଘର ବୁଲି ଗଣନା କରିବେ। ୯୫ ପ୍ରତିଶତ ଅର୍ଥାତ ୩ କୋଟି ୧୬୩ ହଜାର ୩୨୩ ଜଣ ଭୋଟରଙ୍କ ମ୍ୟାପିଙ୍ଗ ସରିଛି। ୧୭ ପ୍ରତିଶତ ଲଜିକାଲ ଏରର ବାହାରିଛି। ବୟସ ତ୍ରୁଟି, ନାମ ତ୍ରୁଟି ଏବଂ ବାପାଙ୍କ ନାମ ତ୍ରୁଟି ଯୋଗୁଁ ଏରର ଆସୁଛି। ଘର ଘର ବୁଲିବାବେଳେ ତାକୁ ସଂଶୋଧନ କରିବେ ବିଏଲଓ। ମ୍ୟାପଙ୍ଗ ସାରିଥିବା ଭୋଟର ନିଜର ଫଟୋ ଦେବେ ଏବଂ ସାଇନ କରିବେ। ଭୋଟର ଚାହିଁଲେ ନୂଆ ଫଟୋ ଦେଇ ପାରିବେ। ସବୁ ଭୋଟରଙ୍କୁ ଦିଆଯିବ ୨ଟା ଫର୍ମ।

ଏହି ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନ ଅଧ୍ୟକ୍ଷତା କରି କହିଥିଲେ ଯେ, ନିର୍ବାଚନ କମିସନଙ୍କ ନିର୍ଦ୍ଦେଶାନୁଯାୟୀ ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ




ପ୍ରକ୍ରିୟା ପାଇଁ ସମୟସୂଚୀ ଘୋଷଣା କରାଯାଇଛି। ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ, ୦୧ ଜୁଲାଇ ୨୦୨୬ ଏସ ଆଇ ଆର ପାଇଁ ଯୋଗ୍ୟତା ତାରିଖ ଧାର୍ଯ୍ୟ କରାଯାଇଛି। ୨୯ ମଇ ୨୦୨୬ ସୁଦ୍ଧା ରାଜ୍ୟରେ ପ୍ରିଣ୍ଟିଂ, ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଥିବାବେଳେ ବିଏଲଓ ମାନଙ୍କର ପ୍ରଶିକ୍ଷଣ ମଧ୍ୟ ଶେଷ ହୋଇଛି। ୩୦ ମଇ ରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ବିଏଲଓମାନେ ନିର୍ବାଚକଙ୍କ ଘରକୁ ଯାଇ ପ୍ରତ୍ୟେକ ନିର୍ବାଚକ ପାଇଁ ଦୁଇଟି ପରିଗଣନା ଫର୍ମ ପ୍ରଦାନ କରିବେ। ଏଥିରେ ନିର୍ବାଚକଙ୍କ ବ୍ୟକ୍ତିଗତ ବିବରଣୀ, ପରିବାର ସଦସ୍ୟଙ୍କ ସୂଚନା ଏବଂ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବାକୁ ପଡିବ। ବିଏଲଓମାନେ ପରିଦର୍ଶନ ସମୟରେ ସେମାନଙ୍କର ତଥ୍ୟ ଯାଞ୍ଚ କରିବେ ଓ ସେମାନଙ୍କ ସାମାନ୍ୟ ତ୍ରୁଟିକୁ ସଂଶୋଧନ କରିବେ। ସେହିପରି ଜଣେ ବି ଯୋଗ୍ୟ ଭାରତୀୟ ଭୋଟର ଯେମିତି ବାଦ୍ ନ ପଡନ୍ତି ଓ ଅଯୋଗ୍ୟ ଭୋଟର ଯେମିତି ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ନ ହୁଅନ୍ତି ସେଥିପ୍ରତି ବିଏଲଓମାନଙ୍କୁ ସଜାଗ ରହିବାକୁ ଶ୍ରୀ ଗୋପଲନ ନିର୍ଦ୍ଦେଶ ଦେଇଛନ୍ତି। ୨୮ ଜୁନ ୨୦୨୬ ସୁଦ୍ଧା ମତଦାନ କେନ୍ଦ୍ର ଗୁଡିକର ପୁର୍ନବିନ୍ୟାସ ପରେ ୦୫ ଜୁଲାଇ ରେ ଚିଠା ଭୋଟର ତାଲିକା ପ୍ରକାଶ କରାଯିବ।୦୫ ଜୁଲାଇ ରୁ ଅଗଷ୍ଟ ୦୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ସମୟସୀମା ଧାର୍ଯ୍ୟ ହୋଇଥିବାବେଳେ, ୦୫ ଜୁଲାଇ ୨୦୨୬ ରୁ ୦୨ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ/ଦାବି ଓ ଆପତ୍ତିର ସମାଧାନ ଓ ୦୬ ସେପ୍ଟେମ୍ବର ୨୦୨୬ ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏସ ଆଇ ଆର ପାଇଁ ପ୍ରସ୍ତୁତି ପର୍ଯ୍ୟାୟରେ, ମୋଟ ନିର୍ବାଚକଙ୍କ ମଧ୍ୟରୁ ୩,୧୬,୦୩,୩୨୩ ଜଣ ନିର୍ବାଚକ ଅର୍ଥାତ୍ ୯୪.୬୧% ନିର୍ବାଚକଙ୍କୁ ୨୦୦୨ ମସିହାରେ ପ୍ରକାଶିତ ଶେଷ ସମୟର ଭୋଟର ତାଲିକା ସହିତ ମ୍ୟାପ୍ କରାଯାଇଛି। ପ୍ରାକ୍-ପର୍ଯ୍ୟାୟରେ ଯେଉଁ ନିର୍ବାଚକମାନଙ୍କୁ ମ୍ୟାପ୍ କରାଯାଇପାରିନଥିଲା, ସେମାନେ ମଧ୍ୟ ସମୟରେ ଯଥୋଚିତ ସୂଚନା ଦାଖଲ କଲେ ମ୍ୟାପ୍ ହୋଇପାରିବେ। ଏସ ଆଇ ଆର ସମୟରେ ୪୫ ହଜାର ୨୫୫ ଜଣ ବୁଥସ୍ତରୀୟ ଅଧିକାରୀ ନିର୍ବାଚକଙ୍କ ଘରକୁ ଘର ଯାଇ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ। ସ୍ୱତନ୍ତ୍ର ସଘନ ସଂଶୋଧନକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ରାଜନୈତିକ ଦଳମାନଙ୍କ ପୂର୍ବ ସହଭାଗୀତା ସହ କାର୍ଯ୍ୟାନ୍ୱୟନ କରିବାପାଇଁ, ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ସମସ୍ତ ରାଜନୈତିକ ଦଳଙ୍କୁ ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲଏ) ନିଯୁକ୍ତ କରିବାକୁ ଅନୁରୋଧ କରିଛନ୍ତି। ଏବେ ସୁଦ୍ଧା ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ତରଫରୁ ମୋଟ ୩୩ ହଜାର ୨୬ ଜଣଙ୍କୁ ନିଯୁକ୍ତ କରାଯାଇଛି। ଘରକୁ ଘର ପରିଗଣନା ସମୟରେ, ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ (ସଂଲଗ୍ନ-) ଯୋଗାଇ ଦିଆଯିବ । ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରିବେ ଏବଂ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରିବେ, ଯାହାକୁ ଭୋଟର ଭବିଷ୍ୟତ ପାଇଁ ସାଇତି ରଖିବେ । ଫର୍ମ ପୂରଣ କରିବାରେ କୌଣସି ସମସ୍ୟା ହେଲେ ବିଏଲଓ ସମ୍ପୃକ୍ତ ଭୋଟରଙ୍କୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇଦେବେ । ଏହାସହ ନୂଆ ନିର୍ବାଚକ ଭାବେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ବିଏଲଓ ସେହି ସମୟରେ ଫର୍ମ-୬ ସହ ସ୍ୱତନ୍ତ୍ର ଘୋଷଣାପତ୍ର (ସଂଲଗ୍ନ-) ପ୍ରଦାନ କରିବେ ।

ସେହିପରି ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟରେ ନିଯୁକ୍ତ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି। ସକାଳ ୬ ରୁ ଦିନ୧୧ ,ଅପରାହ୍ନ ୪ ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଫିଲଡ଼୍ ୱାର୍କ ଏବଂ ଦିନ ୧୨ ରୁ ଅପରାହ୍ନ ୩ଟା ଯାଏଁ ଫିଲଡ଼୍ ୱାର୍କ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କର୍ତ୍ତବ୍ୟ ସମୟରେ ବିଏଲଓ ମାନେ ଯଦି କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି ତେବେ ତୁରନ୍ତ ସେମାନଙ୍କୁ ସୁରକ୍ଷା ଯୋଗାଇଦେବାକୁ ସମସ୍ତ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ଓ ନିର୍ବାଚକ ପଞ୍ଜିକରଣ ଅଧିକାରୀଙ୍କ ସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆଲୋଚନା କରିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନଙ୍କ ସମେତ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଗୋପୀନାଥ କୁଅଁର, ଡେପୁଟି ସିଇଓ ଡ଼.ଲକ୍ଷ୍ମୀପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ପୁଲିସର ଥାର୍ଡ ଡିଗ୍ରିକୁ ନେଇ ତାତିଲେ ଲୋକେ

# ଥାନା ଘେରାଉ ସହ ରାସ୍ତା ରୋକ୍



ବାରଙ୍ଗ, ୨୯।୫ : ପୁଲିସର ଥାର୍ଡ ଡିଗ୍ରି ବିରୋଧରେ କଟକଜିଲ୍ଲାବାରଙ୍ଗ ଥାନା ଅଞ୍ଚଳର ଚଣ୍ଡୀପ୍ରସାଦ ଗ୍ରାମବାସୀ ଗର୍ଜିଛନ୍ତି। ଜଣେ ଯୁବକଙ୍କ ନିସ୍ଠୁକ ମାଡ଼ ମାରିବା ବିରୋଧରେ ଗ୍ରାମବାସୀ ଏକତ୍ର ହୋଇ ବାରଙ୍ଗ ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗ୍ରାମବାସୀଙ୍କ ଏହି ଉତ୍ତେଜନା କାରଣରୁ ଭୁବନେଶ୍ୱର-କଟକ ରାସ୍ତାରେ ଯାତାୟତ ଠପ୍ ହୋଇଯାଇଛି। ରାସ୍ତାର ଉଭୟ ପାର୍ଶ୍ବରେ ଶତାଧିକ ଯାନବାହନ ଅଟିକି ଯାଇଛି। ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପାଇଁ ହଜାର ହଜାର ଲୋକ ହଇରାଣ ହେଉଛନ୍ତି। ବିକ୍ଷୋଭରେ ସାମିଲ ହୋଇଥିବା ଉତ୍ତେଜିତ ଲୋକଙ୍କୁ ପୁଲିସ ବୁଝାସୁଝା କରୁଛି। ସୂଚନା ଅନୁସାରେ ପୁଲିସ ଥାର୍ଡ ଡିଗ୍ରିରେ ଗୁରୁତର ହୋଇ ଚିକିତ୍ସାଧିନ ଥିବା ଚଣ୍ଡୀପ୍ରସାଦ ଗ୍ରାମର ରାକେଶ ବେହେରାର ମୃତ୍ୟୁ ହେଇଥିବା ଖବର ପାଇ ଶହଶହ ମହିଳା ଓ ପୁରୁଷ ଏକତ୍ର ହୋଇଥିଲେ। ଗ୍ରାମବାସୀ ବାରଙ୍ଗ ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଛନ୍ତି। ପୁଲିସ ସେମାନଙ୍କୁ ରାକେଶ ଜୀବୀତ ଓ ଚିକିତ୍ସାଧିନ ଥିବା କହିଚି। ପୁଲିସ ଜବାବ ମିଳିବା ପରେ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ରାକେଶର ପରିବାର ଏବଂ ଗ୍ରାମବାସୀ କଟକ ବଡ଼ଡାକ୍ତରଖାନାକୁ ଯାଇଛନ୍ତି। ସୂଚନାଯୋଗ୍ୟ, ଚଣ୍ଡୀପ୍ରସାଦ ଗ୍ରାମବାସୀ ଏବଂ ସମ୍ପର୍କୀୟ ଗତ ୧୫ ତାରିଖରେ ଅଭିଯୋଗ କରିଥିଲେ ଯେ, ରାକେଶ ବେହେରାଙ୍କ ସ୍ତ୍ରୀ ନିଖୋଜ ହୋଇଥିଲେ। ଏନେଇ ସେ ୧୬ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଗତ ୨୨ ତାରିଖରେ ପାଟପୁର ନିକଟ କାଠଯୋଡି ନଦୀ ବାଲିରେ ପୋତାଯାଇଥିବା ଜଣେ ମହିଳାଙ୍କର ଶବ ଉଦ୍ଧାର ହୋଇଥିଲା। ପୁଲିସ୍ ଶବ ଚିହ୍ନଟ ପାଇଁ ରାକେଶ କରିଥିବା ସ୍ତ୍ରୀ ନିଖୋଜ ଅଭିଯୋଗକୁ ଆଧାର କରି ଥାନାକୁ ଡାକି ପଚରାଉଚରା କରିଥିଲା। ମୃତଦେହକୁ ଦେଖାଇ ସ୍ତ୍ରୀର ଶବକି ନାହିଁ ଚିହ୍ନଟ କରିବା ପାଇଁ ପୁଲିସ ଚଣ୍ଡୀପ୍ରସାଦ ଗ୍ରାମର ରାକେଶକୁ ଚାରିଦିନ ହେଲା ଉଠାଇ ନେଇ ଅଟକରଖି ପଚରା ଉଚରାଥିଲା। ଚାରିଦିନ ଧରି ବଳପୂର୍ବକ ତା ସ୍ତ୍ରୀର ବୋଲି ରାଜି କରାଇବାକୁ ଚେଷ୍ଟା କରିଥିଲା। ଶବଟିକୁ ଦେଖି ତା ସ୍ତ୍ରୀର ନୁହେଁ, ତା ପାଖରୁ ମିଳିଥିବା ଶାଢ଼ି, ଚୂଡ଼ି ଯାହା କିଛି ମିଳିଛି ତା ସ୍ତ୍ରୀ ସହିତ ମେଳ ଖାଉ ନଥିବାର ପୁଲିସକୁ ବାରମ୍ବାର କହି ସ୍ୱୀକାର କରୁ ନଥିଲା। ରାକେଶ ରାଜି ନ ହେବାରୁ ତାଙ୍କୁ ପୁଲିସ ନିସ୍ଠୁକ ପିଟି ଗୁରୁତର କରିଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀ ଗତ ୨୫ ତାରିଖ ରାତିରେ ମଧ ଥାନା ଘେରାଉ କରିଥିଲେ।

# ବିଷାକ୍ତ ମଦ ନେଲା ୧୭ ଜୀବନ

ପୁଣେ, ୨୯।୫: ବିଷାକ୍ତ ମଦ ପିଇ ଗୋଟିଏ ଦିନରେ ୧୭ ଜଣଙ୍କ ମୃତ୍ୟୁ । ମହାରାଷ୍ଟ୍ର ପୁଣେର ଏହି ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ପୁଣେର ହଡପସର, ଦୋପଡିଓ ପୁଗେବାଡି ଅଞ୍ଚଳରେ ଏପରି ଅଭିଯୋଗ ଆସିଛି । ବିଷାକ୍ତ ମଦ ପିଇବା କାରଣରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ଆହତଙ୍କ ମଧ୍ୟରେ ଅନେକଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବା ବେଳେ ସେମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ମଦ ମୃତ୍ୟୁ ମାମଲାରେ ରାଜ୍ୟ ଅବକାରୀ ବିଭାଗ ଯୋଗେଶ ୱାନଖେଡେ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ଏହି ଘଟଣାରେ ପୋଲିସ ଅଧିକ ପଚରାଉଚରା ଜାରି ରହିଛି । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ଯୋଗେଶ ପିମ୍ପରି-ଖିଞ୍ଚୱାଡ ଓ ପୁଣେରେ ବିଷାକ୍ତ ସ୍ପିରିଟ୍ ସପ୍ଲାଏ କରୁଥିଲା । ତେବେ ସନ୍ଦେହ କରାଯାଉଛି କି, ଏହି ସ୍ପିରିଟରୁ ପ୍ରସ୍ତୁତ ମଦ ପିଇବା ପରେ ଲୋକଙ୍କ ମୃତ୍ୟୁ ହୋଇଛି । ମଦ ମୃତ୍ୟୁ ଘଟଣା ସାମ୍ନାକୁ ଆସିବା ପରେ ଯୋଗେଶ ଆତ୍ମସମର୍ପଣ କରିଥିଲା । ଅନ୍ୟପଟେ ଏହିଘଟଣାରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ । ଅନ୍ୟପଟେ ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ରହିଛି । ଏହିଘଟଣାରେ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି । ତେବେ ମଦ ପିଇ ଅସୁସ୍ଥ ହୋଇ ମେଡିକାଲ ଚିକିତ୍ସିତ ହେଉଥିବା ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବା ଡାକ୍ତର କହିଛନ୍ତି । ତେବେ ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି ଯେ, ବିଷାକ୍ତ ମଦ କାରଣରୁ ଏହି ମୃତ୍ୟୁ ଘଟିଛି । ସେମାନେ ଆହୁରି କହିଛନ୍ତି, ଅବୈଧ ଭାବେ ଦେଶୀ ମଦ ବିକ୍ରି ଅବାଧରେ ଚାଲିଛି । ଯେଉଁଥି ପାଇଁ ଏପରି ଘଟଣା ଘଟିଛି । ପୋଲିସ ପ୍ରଶାସନର ଅବହେଳାକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ବିଷାକ୍ତ ମଦ ମୃତ୍ୟୁ ମାମଲାକୁ ନେଇ ରାଜନୀତି ମଧ୍ୟ ସରଗରମ ହୋଇଛି । ଏହି ଘଟଣାରେ ନିରପେକ୍ଷ ଯାଞ୍ଚ ଦାବିକରିଛନ୍ତିଏନସିପି ନେତା ତଥା ପୂର୍ବତନ ମେୟର ଯୋଗେଶ ବହଲ ।

### ହାଇକୋର୍ଟଙ୍କୁ ସୁପ୍ରିମକୋର୍ଟଙ୍କ କଡ଼ା ତାଗିଦ

# ଆଦେଶ ସଂରକ୍ଷିତର ତିନି ମାସରେ ରାୟ ଦିଅନ୍ତୁ

ନୂଆଦିଲ୍ଲୀ,୨୯।୫: କୋର୍ଟ ନିଷ୍ପତ୍ତିରେ ହେଉଥିବା ବିଳମ୍ବକୁ ନେଇ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି। ସୁପ୍ରିମକୋର୍ଟ ଦେଶର ସବୁ ହାଇକୋର୍ଟଙ୍କୁ



ଏକ ନିର୍ଦ୍ଦେଶରେ ଆଦେଶ ସଂରକ୍ଷିତ ରଖିବାର ୩ ମାସ ମଧ୍ୟରେ ରାୟ ଘୋଷଣା କରିବାକୁ କହିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟା ବାଗଚୀଙ୍କ ପୀଠ କହିଛନ୍ତି ଯେ କୋର୍ଟଙ୍କ ରାୟ ବିଳମ୍ବ ଯୋଗୁ ବାଦୀଙ୍କର ଅପୂରଣୀୟ କ୍ଷତି ହେଉଛି।

ସୁପ୍ରିମକୋର୍ଟ ବିଶେଷ କରି ବ୍ୟକ୍ତିଗତ ସ୍ୱତନ୍ତ୍ରତା ସମ୍ପର୍କିତ ମାମଲାର ଶୁଣାଣି ଦ୍ରୁତ କରିବାକୁ କହିଛନ୍ତି। ସିଜେଆଇ ଓ ଜଷ୍ଟିସ୍ ଜୟମାଲ୍ୟା ବାଗଚୀଙ୍କ ପୀଠ କହିଛନ୍ତି ଯେ ଜାମିନ ଆବେଦନ ଉପରେ ସେହି ଦିନ ଶୁଣାଣି ହେବା ଆବଶ୍ୟକ, ଏଥିରେ ଯଦି ବିଚାରପତି ଆଦେଶ ସଂରକ୍ଷିତ ରଖିବାକୁ ଚାହାଁନ୍ତି ତେବେ ଏହାକୁ ତା ପରଦିନ ଶୁଣାଯିବା ସହ ସେହିଦିନ ଅପଲୋଡ କରାଯିବା ଦରକାର। ସୁପ୍ରିମକୋର୍ଟ କହିଛନ୍ତି ଯେ ଜାମିନ ବା ଦଣ୍ଡ ନିଲମ୍ବନ ଶୁଣାଣିର ତୁରନ୍ତ ବାଦ ଜେଲ ଅଧିକାରୀଙ୍କୁ ସୂଚିତ କରାଯିବା ଆବଶ୍ୟକ। ଯେପରି ବିଚାରାଧୀନ ବନ୍ଦୀଙ୍କୁ ସେହିଦିନ ନଚେତ ଅଧିକରୁ ଅଧିକ ତା ପରଦିନ ମୁକ୍ତ କରିଦିଆଯିବା ଦରକାର। ସମ୍ବିଧାନର ଅନୁଚ୍ଛେଦ ୧୪୨ ଅନୁସାରେ ନିଜର ବିଶେଷ ଶକ୍ତି ଉପଯୋଗ କରି ସୁପ୍ରିମକୋର୍ଟ କହିଛନ୍ତି ଯେ କେବଳ ରାୟର ମୁଖ୍ୟ ଅଂଶ (ଅପରେଟିଭ ପାର୍ଟ) ଶୁଣାଯାଏ ତେବେ ରାୟର ପୁରା ବିବରଣୀ (ତର୍କ ସହିତ) ୧୫ ଦିନ ମଧ୍ୟରେ ୱେବସାଇଟରେ ଅପଲୋଡ କରିଦିଆଯିବା ଆବଶ୍ୟକ।ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ଯଦି ରାୟ ସଂରକ୍ଷିତ ରଖିବାର ୪ ମାସ ମଧ୍ୟରେ ଶୁଣା ନ ଯାଏ ତେବେ ସମ୍ବନ୍ଧିତ ପକ୍ଷ ହାଇକୋର୍ଟ ପ୍ରଧାନ ବିଚାରପତିଙ୍କୁ ସମ୍ପର୍କ କରିପାରନ୍ତି, ଯାହାଦ୍ୱାରା ମାମଲାକୁ କୌଣସି ଅନ୍ୟ ବେଞ୍ଚକୁ ଦିଆଯାଇ ପାରିବ। କୋର୍ଟ କହିଛନ୍ତି ଯେ ଯେତେବେଳେ କୌଣସି ରାୟର ପୁରା ବିବରଣୀ (ତର୍କ ସହିତ) ପୂର୍ଣ୍ଣ ନ୍ୟାୟାଳୟରେ ଶୁଣାଣି ହୁଏ ତେବେ ସେହି ରାୟକୁ ୨୪ ଘଣ୍ଟା ମଧ୍ୟରେ ୱେବସାଇଟରେ ଅପଲୋଡ କରିଦିଆଯିବା ଦରକାର। ସୁପ୍ରିମକୋର୍ଟ ଏହା ବି ସ୍ପଷ୍ଟ କରିଛନ୍ତି ଯେ ତାଙ୍କ ଦ୍ୱାରା ଜାରି କରାଯାଇଥିବା ଏହି ନିର୍ଦ୍ଦେଶର ଉଦ୍ଦେଶ୍ୟ କୌଣସି ଖାସ ଜଜ୍ ଅଥବା ହାଇକୋର୍ଟଙ୍କ କୌଣସି ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇବାକୁ ନୁହେଁ।

# ଗଞ୍ଜାମ ଏସପି ଭାବେ ଦାୟିତ୍ୱ ଗ୍ରହଣ କଲେ ହରିଶ ବିସି

ଛତ୍ରପୁର,୨୯।୫: ଗଞ୍ଜାମ ଏସପି ଭାବେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି ହରିଶ ବିସି। ସେ ପୂର୍ବରୁ କନ୍ଧମାଳ ଏସପି ଭାବେ ଦାୟିତ୍ୱ ତୁଲାଇ ଆସିଥିଲେ । ୨୦୨୦ ବ୍ୟାଚର ଏହି ଆଇପିଏସ ଅଧିକାରୀ ପ୍ରଥମେ ରାୟଗଡାରେ କାର୍ଯ୍ୟ ଆରମ୍ଭ କରିଥିଲେ। ଅପରାଧ ନିୟନ୍ତ୍ରଣ, ଶାନ୍ତି ଶୃଙ୍ଖଳା ବଜାୟ ରଖିବା, ମାଫିଆମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଓ ୨୪ ଘଣ୍ଟା ଲୋକଙ୍କୁ ସେବା ଯୋଗାଇଦେବା ଉପରେ ଗୁରୁତ୍ୱ ଦେବେ ବୋଲି ଏସପି ଶ୍ରୀ ବିସି କହିଛନ୍ତି । ଗଞ୍ଜାମ ପୁଲିସ ଜିଲ୍ଲା ଏକ ବଡ଼ ଜିଲ୍ଲା ହୋଇଥିବାରୁ ସମସ୍ତ ଥାନାଧିକାରୀ, ଏସଡିପିଓ, ଅତିରିକ୍ତ ଏସପି ଏବଂ ଡିଏସପିମାନଙ୍କୁ ନେଇ ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତି ଦିଗରେ ଆଲୋଚନା କରି ଜିଲ୍ଲା କିପରି ଭାବେ ଅପରାଧମୁକ୍ତ ହୋଇପାରିବ ସେନେଇ କାର୍ଯ୍ୟ କରିବେ ବୋଲି ଏସପି ଶ୍ରୀ ବିସି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । କନ୍ଧମାଳ ଜିଲ୍ଲା ଅପେକ୍ଷା ଗଞ୍ଜାମ ପୁଲିସ ଜିଲ୍ଲାରେ ଅଧିକ ଅପରାଧ ବୃଦ୍ଧି ପାଉଥିବା ବେଳେ ଏହି ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ଏକ ଚ୍ୟାଲେଞ୍ଜ ରହିଥିଲେ ମଧ୍ୟ ତାକୁ ମୁକାବିଲା କରିବା ପାଇଁ ସେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ମଧ କହିଛନ୍ତି । ପୁଲିସ ଜିଲ୍ଲାର ବିଭିନ୍ନ ଥାନା ଅଂଚଳରେ କଡାକଡି ପେଟ୍ରୋଲିଂ ଜାରି ରହିବ । ସେହିଭଳି ହଜିଯାଇଥିବା ମୋବାଇଲ ଉଦ୍ଧାର କାର୍ଯ୍ୟ ଜାରି ରହିବ ।

# ୧୮ ଦିନରେ ୫୭୦୩ ଜଣଙ୍କ ବିରୋଧରେ ୱାରେଣ୍ଟ, ୫୨୦ ଗିରଫ

ଭୁବନେଶ୍ୱର, ୨୯।୫: ଗତ ୧୮ ଦିନରେ ରାଜ୍ୟ ପୁଲିସ ୫୭୦୩ ଜଣଙ୍କ ବିରୋଧରେ ଜାମିନ ବିହୀନ ୱାରେଣ୍ଟ (ଏନ୍‌ବିଡବ୍ଲ୍ୟୁ) ଜାରି କରାଯାଇଥିବା ବେଳେ ଫେରାର ଥିବା ୫୨୦ ଅଭିଯୁକ୍ତଙ୍କୁ ଗିରଫ କରିଛି। ତା' ସହିତ ବିପୁଳ ପରିମାଣର ଗଞ୍ଜେଇ ଓ ଅସ୍ତ୍ରଶସ୍ତ୍ର ଜବତ କରିଛି। ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଡିଜିପି କହିଛନ୍ତି, ମେ' ୧୨ ତାରିଖରୁ ରାଜ୍ୟର ସମସ୍ତ ପୁଲିସ ରେଞ୍ଜ୍ ଅନ୍ତର୍ଗତ ଜିଲ୍ଲା ଏସପି ଏବଂ ପୁଲିସ କମିଶନର, ଭୁବନେଶ୍ୱର-କଟକଙ୍କ ନେତୃତ୍ୱରେ ସ୍ପେଶାଲ ଡ୍ରାଇଭ୍ ଅଭିଯାନ ଜାରି ରହିଛି । ବିଗତ ୧୮ ଦିନ ମଧ୍ୟରେ ଅପରାଧ ଏବଂ ଅପରାଧୀଙ୍କ ବିରୁଦ୍ଧରେ ପୁଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଅଭିଯାନରେ ମୁଖ୍ୟତଃ ଜାମିନ ବିହୀନ ୱାରେଣ୍ଟକୁ କାର୍ଯ୍ୟକାରୀ କରିବା, ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା, ନିଶା ଦ୍ରବ୍ୟ (ଗଞ୍ଜେଇ ଓ ବ୍ରାଉନସୁଗାର) ଚୋରା ଚାଲାଣକୁ ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଏବଂ ବେଆଇନ ଖଣିଜ ଚୋରା ଚାଲାଣରେ ସମ୍ପୃକ୍ତ ଯାନବାହନ ଜବତ କରିବା ସହ ମଦ୍ୟପାନ କରି ଗାଡି ଚାଳନା ଉପରେ କଠୋର ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ସ୍ପେଶାଲ ଅପରେସନରେ ସମସ୍ତ ରେଞ୍ଜ ପୋଲିସ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇ ଅପରାଧ ଏବଂ ଅପରାଧୀଙ୍କୁ ରୋକିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଏହି ୧୮ ଦିନ ମଧ୍ୟରେ ସାରା ରାଜ୍ୟରେ ୫୭୦୩ ଜଣ ବ୍ୟକ୍ତିଙ୍କ ବିରୋଧରେ ଜାମିନ ବିହୀନ ୱାରେଣ୍ଟ କାର୍ଯ୍ୟକାରୀ କରାଯାଇଛି । ଫେରାର ଥିବା ୫୨୦ ଜଣ ଅଭିଯୁକ୍ତଙ୍କୁ ଧରି କୋର୍ଟ ଚାଲାଣ କରାଯାଇଥିବା ବେଳେ ୯୫୭ ଜଣ ଅଭ୍ୟାସଗତ ଅପରାଧୀଙ୍କୁ ୧୨୯ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ୍) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହାସହ ୧୨୬ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଅନୁଯାୟୀ ୨୬୨୦ ଜଣଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରାଯାଇଛି। ବେଆଇନ ନିଶା କାରବାର ରୋକିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୯୭ ଟି ଏନଡିପିଏସ୍ ମାମଲା ରୁଜୁ ହୋଇଥିବାବେଳେ ୧୩୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୭୩୯୮ କେଜି ଗଞ୍ଜେଇ, ୫୮୬ ଗ୍ରାମ ବ୍ରାଉନ୍ ସୁଗର, ୨୨୦ ଗ୍ରାମ ହେରୋଇନ ଏବଂ କଫ ସିରପ ୨୧୯ ଲିଟର ସହିତ ୧୦୫୦ ବୋତଲ କଫ ସିରଫ ଜବତ କରାଯାଇଛି। ନିଶା କାରବାରରେ ବ୍ୟବହୃତ ୨୭ ଟି ଗାଡ଼ି, ୧୪ ଟି ମୋବାଇଲ୍ ଫୋନ୍, ୩ଟି ପିସ୍ତଲ ସହ ନଗଦ ୨ ଲକ୍ଷ ୯୨ ହଜାର ୮୮ ଟଙ୍କା ମଧ୍ୟ ଜବତ କରାଯାଇଛି। ଏହାସହ ୨୧୫୪ ଟି ଅବକାରୀ ମାମଲା ରୁଜୁ ହୋଇଛି। ଏହାସହ ସଡ଼କ ସୁରକ୍ଷା ଓ ମୋଟର ଯାନ ଏନଫୋର୍ସମେଣ୍ଟକୁ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି। ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା କରୁଥିବା ୩୨୯୩ ଜଣ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଗାଡ଼ିଗୁଡ଼ିକୁ ଜବତ କରାଯାଇଛି। ଅନ୍ୟାନ୍ୟ ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ ମାମଲାରେ ମୋଟ ୬ କୋଟି ୪୬ ଲକ୍ଷ ୭ ହଜାର ୫୬୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଗୋ-ଚାଲାଣ ରୋକିବାକୁ ପୁଲିସ ୨୯ଟି ମାମଲା ରୁଜୁ କରିଥିବାବେଳେ ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଫଳରେ ୧୭ ଟି ଗାଡ଼ିରୁ ୨୮୪ ଟି ଗାଈଙ୍କୁ ଉଦ୍ଧାର କରାଯାଇଛି।

ଚୋରା ଖଣି କାରବାର ବିରୋଧରେ ମଧ୍ୟ ପୁଲିସ କଡ଼ା ପଦକ୍ଷେପ ନେଇ ୬୫୪ଟି ମାମଲା ୧୬୨ ଜଣଙ୍କୁ ଗିରଫ କରିଛି। ଗତ ୧୮ ଦିନ ମଧ୍ୟରେ ୮୭୮ ଟି ହାଇୱା, ଟ୍ରକ୍, ଟ୍ରାକ୍ଟର, ଟିପର, ପାୱାର ଟିଲର ଓ ଜେସିବି ଜବତ କରାଯାଇଛି। ବେଆଇନ ଅସ୍ତ୍ର କାରବାର ରୋକିବାକୁ ୩୧ ଟି ମାମଲା ରୁଜୁ କରାଯାଇଥିବାବେଳେ ୩୫ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୩୯ ଟି ବନ୍ଧୁକ, ୨୯ଟି ଜୀବନ୍ତ ଗୁଳି ଜବତ କରାଯାଇଛି।



## ଅବସର କାଳିନ ସମ୍ବର୍ଦ୍ଧନା ଉତ୍ସବ ପାଳିତ
# ଗ୍ରାମପଞ୍ଚାୟତ ସୁବିଧା କେନ୍ଦ୍ର ଉଦଘାଟିତ



ଓଡ଼ଗାଁ ୨୯/୦୫(ଆନିସ):: ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ରଙ୍ଗଣୀପାଟଣା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସରପଞ୍ଚ ସସ୍ମିତା ପାତ୍ରଙ୍କ ସଭାପତିତ୍ୱରେ ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ଅବସର କାଳିନ ସମ୍ବର୍ଦ୍ଧନା ସମାରୋହ ଅବସରରେ ଶୁକ୍ରବାର ବିଡିଓ ପ୍ରିତିବାଳା ରଣା ରଙ୍ଗଣୀପାଟଣା ଗ୍ରାମପଞ୍ଚାୟତ ସୁବିଧା କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ତେବେ ଏହି ଅବସର କାଳିନ ସଭାରେ ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ ମୁଖ୍ୟ ଅତିଥି ଭାବେ ଏବଂ ବିଡିଓ ପ୍ରିତିବାଳା ରଣା ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ତହସିଲଦାର ଜି ଶ୍ରୀନୁ,ଅତିରିକ୍ତ ତହସିଲଦାର ପବିତ୍ର କୁମାର ସେଠୀ, ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା କର,ବ୍ଲକ୍ ଗ୍ରାମ ପଞ୍ଚାୟତ ଅଧିକାରୀ ବିଶ୍ବଜିତ ଯେନା,ଅବସରପ୍ରାପ୍ତ ବନଖଣ୍ଡ ଅଧିକାରୀ ସୁରେଶ ଚନ୍ଦ୍ର ହୋତା, ସୁସାହିତ୍ୟିକ ଦିବାକର ନାୟକ ରଙ୍ଗଣୀପାଟଣା ସମିତି ସଭ୍ୟ ସସ୍ମିତା ସାହୁ କୁରାଳ ସରପଞ୍ଚ ବିଜନ ପାଇକରାୟ, ଆଞ୍ଚଳିକ ସାଧନ ସଂଯୋଜକ ଯଶୋବନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଅବସରପ୍ରାପ୍ତ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କୁ ଅତିଥି ମାନଙ୍କ ଦ୍ୱାରା ଉପଢ଼ୌକନ ଏବଂ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।ସରକାରୀ କର୍ମଚାରୀଙ୍କ ଚାକିରିରୁ ଅବସର ଗ୍ରହଣ କରନ୍ତି। କିନ୍ତୁ ବଞ୍ଚିଥିବା ପର୍ଯ୍ୟନ୍ତ କର୍ମ କ୍ଷେତ୍ରରୁ ଅବସର ନିଅନ୍ତି ନାହିଁ ବୋଲି ଅତିଥି ମାନେ ମତପୋଷଣ କରିଥିଲେ। ଖେଳ ମଣିଷ ଦିବାକର ନାଏକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ରଥ ନିର୍ମାଣକୁ ନେଇ ରଥ ଖଳା ଚଳଚଞ୍ଚଳ



ପୁରୀ, ୨୯।୫ (ଆନିସ): ତିନିରଥ ର ପାଞ୍ଚଦଣ୍ଡା ର ନିର୍ମାଣ କାର୍ଯ୍ୟ ସହ ମୁଖ ସାଲ ଶେଷ ହୋଇଛି। ମୁଖ୍ୟ ମହାରଣାଙ୍କ ତଦାରଖରେ ଶେଷ ହୋଇଛି ତିନିରଥର ପାଞ୍ଚଦଣ୍ଡା ର ଚଉପଟ କାର୍ଯ୍ୟ।ଏଥି ସହ ଦଣ୍ଡା ଗୁଡ଼ିକର ଉଭୟ ପାର୍ଶ୍ୱ ର ସାଲ କାର୍ଯ୍ୟ ମଧ ଶେଷ ହୋଇଛି । ଦଣ୍ଡା ଫ୍ରେମ୍ ପ୍ରସ୍ତୁତି ପାଇଁ ପାଞ୍ଚ ଦଣ୍ଡାର ଉଭୟ ପାର୍ଶ୍ୱରେ ସଂଯୋଗ ହୋଇଛି ମୁହାଁଟ। ତିନିରଥର ଏହି ୨୦ ଫୁଟିଆ ମୁହାଁଟ ର ନିର୍ମାଣ କାର୍ଯ୍ୟ ଶେଷ ହୋଇ ରଥ ଖଳାରେ ସାଇତା ଯାଇଛି।ଏଥିସହ ତିନିରଥର ପାର୍ଶ୍ୱ ଦଣ୍ଡା ଗୁଡ଼ିକର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପାଞ୍ଚ ଦଣ୍ଡାର ଉଭୟ ପାର୍ଶ୍ୱରେ କୁଡ଼ୁକା ଦ୍ୱାରା ସଂଯୋଗ ହୋଇଚି ପାର୍ଶ୍ୱ ଦଣ୍ଡା। ଦର୍ପଦଳନ ରଥର ପାଞ୍ଚ ଦଣ୍ଡା ସହ ଦୁଇ ପାର୍ଶ୍ୱରେ ଗୋଟିଏ ଗୋଟିଏ ଦଣ୍ଡାକୁ ମିଶାଇ ୭ ଗୋଟି ଦଣ୍ଡା ଲାଗୁଥିବା ବେଳେ ତଳଧ୍ୱଜା ରଥ ଏବଂ ନନ୍ଦିଘୋଷ ରଥର ପାଞ୍ଚ ଦଣ୍ଡା ସହ ଉଭୟ ପଟରେ ଦୁଇଟି ଲେଖାଏଁ ପାର୍ଶ୍ୱ ଦଣ୍ଡାକୁ ମିଶାଇ ମୋଟ ୯ ଗୋଟି ଲେଖାଏଁ ଦଣ୍ଡା ସଂଯୋଗ ହୋଇ ଫ୍ରେମ୍ ପ୍ରସ୍ତୁତ କରାଯାଇଛି।

ରୂପକାର ସେବକ ମାନେ ତିନିରଥର ୩୩ ଗୋଟି ସାଲ ଗୁଜର ରୂପ ଖୋଦେଇ ସହ ରୂପ ଗୁଡ଼ିକର ଅଳଙ୍କାର ପକା କାର୍ଯ୍ୟ ସହ ପଲିସ୍ କାର୍ଯ୍ୟ ଶେଷ କରି ତିନିରଥର ୮ ଟି ଲେଖାଏଁ ତୀଖ ଗୁଜ ରେ ସିଂହ ବିରଳ ରୂପ ଖୋଦେଇ ଶେଷ କରି ରୂପ ଗୁଡିକରେ ଅଳଙ୍କାର ପକା କାର୍ଯ୍ୟ ସହ ପଲିସ୍ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

ତିନିରଥର କରତି ସେବକ ମାନେ ତାଳଧ୍ୱଜ ରଥର ପୋଲ ଗୟଳର ଚିରଟ କାର୍ଯ୍ୟ ଶେଷ କରି ନନ୍ଦିଘୋଷ ରଥ ୪୦ ଫୁଟିଆ ପୋଲ ଗୟଳର ଚିତା କାର୍ଯ୍ୟ ପରେ ଚିରଟ କାର୍ଯ୍ୟ ଶେଷ କରି ଆଜି ଦର୍ପଦଳନ ରଥ ୪୦ ଫୁଟିଆ ପୋଲ ଗୟଳ ର ଚିରଟ କାର୍ଯ୍ୟ ପୂର୍ବରୁ ଉଭୟ ପାର୍ଶ୍ୱକୁ ବାରିସିରେ ହାଣି ସମତଳ ବା ଚିତା କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳ ବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା ସେବକ ମାନେ ତିନି ରଥର ଦଣ୍ଡା କଣ୍ଟା ସହ ଗରଗରା କଣ୍ଟା ନିର୍ମାଣ ଶେଷ କରି ୧୬ ଏମ୍ ଏମ୍ ସାଇଜ ର ଚାନ୍ଦା ଗୟଳ କଣ୍ଟା ଏବଂ ବଡ଼ ଥଳ ଗୟଳ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ଦୋଳବେଦୀ ଠାରେ ପାହି ମହାରଣା ମାନେ ଅଣସର ତଥା ରଥଯାତ୍ରାରେ ସେବା ନୀତି ପାଇଁ କୂରୁମ ପିଢ଼ା, ସୁଦ୍ଧା ସୁଆର ପିଢ଼ା, ବନକ ପିଢ଼ା, ଗୁଖା, ଭେଟ ବାକ୍ସ ପାଇଁ ଟେବୁଲ୍ ଷ୍ଟାଣ୍ଡ କାଠ ନିର୍ମିତ ସରଞ୍ଜାମ ମାନ ପ୍ରସ୍ତୁତ ଜାରୀ ରଖିଛନ୍ତି।

# କୋଟି କୋଟି ଟଙ୍କା ଖର୍ଚ୍ଚ, ତଥାପି ଅଧାଗଢ଼ା ଆଦିବାସୀ ଛାତ୍ରୀ ଆବାସ
## ବଦଳିଲେ ସରକାର, ବଦଳିଲା ନାହିଁ ବାବୁମାନଙ୍କ କାର୍ଯ୍ୟଶୈଳୀ !

ବିଷମକଟକ,୨୯।୫ (ଆନିସ): ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ପ୍ରସାର ଓ ଛାତ୍ରଛାତ୍ରୀଙ୍କୁ ମୌଳିକ ସୁବିଧା ଯୋଗାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ବିଶେଷକରି କେବିକେ ଅଞ୍ଚଳ ଭାବେ ପରିଚିତ କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡା, କଳାହାଣ୍ଡି, କନ୍ଧମାଳ ଓ ବଲାଙ୍ଗୀର ଭଳି ପଛୁଆ ଜିଲ୍ଲାଗୁଡ଼ିକରେ ଆଦିବାସୀ ପିଲାଙ୍କ ଶିକ୍ଷା ପାଇଁ ସ୍ୱତନ୍ତ୍ର ଯୋଜନା ମଧ୍ୟ କାର୍ଯ୍ୟକରୀ ହେଉଛି। ଏହି ଯୋଜନା ଅନୁଯାୟୀ ବିଷମକଟକ ବ୍ଲକର ହାଟମୁନିଗୁଡା, ବିଷମକଟକ, ନୀରୁଗୁଣ୍ଡି, କୁତ୍ରାଗଡ, ମୋଟକବାଡ଼ି ଓ ଗଜବାହାଲ ଇଟିଇ ସହ ବିଭିନ୍ନ ସ୍କୁଲରେ ୧୦୦ ସଂଖ୍ୟା ବିଶିଷ୍ଟ ଛାତ୍ରୀ ଆବାସ ନିର୍ମାଣ ପାଇଁ ସରକାର ଅର୍ଥ ମଞ୍ଜୁର କରିଥିଲେ। କାର୍ଯ୍ୟ ସଂପାଦନ ପାଇଁ ବିଭିନ୍ନ ସଂସ୍ଥା ଓ ଠିକାଦାରଙ୍କୁ ଦାୟିତ୍ୱ ମଧ୍ୟ ଦିଆଯାଇଥିଲା।କିନ୍ତୁ ଦୁଃଖର ବିଷୟ, ଅନେକ ସ୍ଥାନରେ ନିର୍ମାଣ କାମ ଅଧାପଥରେ ଅଟକି ରହିଥିବା ବେଳେ କେତେକ ହଷ୍ଟେଲ କୋଠା ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଅଭିଯୋଗ ହେଉଛି, କେତେକ ଠିକାଦାର ବିଭାଗୀୟ ଅଧିକାରୀଙ୍କ ସହ ମଧୁଚନ୍ଦ୍ରିକା କରି ଅର୍ଥ ଉଠାଇ ନିର୍ମାଣ କାମ ଅସମ୍ପୂର୍ଣ୍ଣ ଛାଡ଼ି ଚାଲିଯାଇଛନ୍ତି। ଫଳରେ ସରକାରଙ୍କ ଲକ୍ଷ୍ୟ ଓ ଆଦିବାସୀ ପିଲାଙ୍କ ଭବିଷ୍ୟତ ଉଭୟ ପ୍ରଭାବିତ ହେଉଛି। ସରକାର ଙ୍କ ରାଜ୍ୟ ରାଜ କୋଷରୁ କୋଟି କୋଟି ଟଙ୍କା ଆତ୍ମସାତ କରୁଛନ୍ତି ସସରକାରୀ ବାବୁ ମନେ. ଜାଣି ଶୁଣି ପଡି ରହିଥିବା ଅସମ୍ପୂର୍ଣ ହୋଇ ରହିଥିବା କ୍ରଯ୍ୟ କୁ କେଉଁ ପରି ଭାବେ ବିଭାଗ୍ୟ ଅଧିକାରୀ ମନେ ନିଜ ବିଭାଗ ର ଦାୟିତ୍ୱକୁ ନେଲେ ତାହା ଏବେ ବଡ ପ୍ରଶ୍ନ ବଚି ହୋଇ ଠିଆ ହିଅଛ, ସରକାର ଶିକ୍ଷାର ବିକାଶ ପାଇଁ ଯେଉଁଠି ଅଧିକ ଗୁରୁତ୍ୱ ଦେଉଛନ୍ତି, ସେଠି କିଛି ଅଧିକାରୀ ଓ ଠିକାଦାରଙ୍କ ଅବହେଳା ଯୋଗୁ ଯୋଜନାର ମୂଳ ଉଦ୍ଦେଶ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନେକ ସ୍ଥାନରେ ଛାତ୍ରୀମାନେ ଆବାସ ଅଭାବରୁ ଅସୁବିଧାରେ ରହୁଥିବା ବେଳେ ନୂଆ କୋଠା ଗୁଡିକ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ସାଧାରଣରେ ଦାବି ହେଉଛି, ଏହି ସବୁ ନିର୍ମାଣ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ ଏବଂ ଅସମ୍ପୂର୍ଣ୍ଣ ଛାତ୍ରୀ ଆବାସଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରାଯାଉ।



# ରାସ୍ତା କାମ ନିମ୍ନ ମାନର, ପିଚୁ ଉଠି ଗଲାଣି, ଭିଜିଲାନସ୍ ତଦନ୍ତ ଦାବୀ

ଫୁଲବାଣୀ,୨୯।୫ (ଆନିସ): ଠିକାଦାର ଓ ଯନ୍ତ୍ରୀ ମିଶି କୁଆଡେ ଚଲୁ କରିଦେଲେ ସିଂହ ଭାଗ ଅର୍ଥ ଫଳରେ ରାସ୍ତା କାମ ନିମ୍ନ ମାନର ହେବା ସହ ଚାଲିବା ସମ୍ଭବ ହେଉ ନି ଏଭଳି ଅଭିଯୋଗ ଆସିଛି ଜି ଉଦୟଗିରି ବ୍ଲକ ଅନ୍ତର୍ଗତ ଶ୍ରିକ ଲା ରୁ-କିଲକିଆ ପ୍ରଧାନ ମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରେ ନିର୍ମିତ ରାସ୍ତା କାମରେ ଗାଁ ରେ ରାସ୍ତା ନିର୍ମାଣ ହେବ ଆଉ ବେଶ୍ ଖୁସିରେ ଲୋକେ ଗାଡ଼ି ମୋଟର ଚଳାଇ ଆରାମ ରେ ଯିବା ଆସିବା କରିବେ ବୋଲି ଭାବୁଥିଲେ ହେଲେ ରାସ୍ତା ନିର୍ମାଣ ସରିଲା କିନ୍ତୁ ନିମ୍ନ ମାନର କାର୍ଯ୍ୟ ହୋଇଥିବାରୁ ପାଦରେ ଚାଲି କି ଯିବା ସମ୍ଭବ ହେଉନି ଅଭିଯୋଗ କଲେ ଶୁଣିବାକୁ କିଏ ନାହିଁ ସୂଚନା ଯୋଗ୍ୟ ଯେ ସରକାର ପ୍ରଧାନ ମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରେ ୫୮ଲକ୍ଷ ଟଂକା ଅନୁଦାନ ପ୍ରଦାନ କରିଥିଲେ ତେବେ ସରକାରୀ ନୀତି ନିୟମ ଅନୁଯାୟୀ କାର୍ଯ୍ୟ ନ ହୋଇ କୁଆଡ଼େ ସିଂହ ଭାଗ ଅର୍ଥ ହେରେ ଫେରେ ହୋଇଥିବା ଅଭିଯୋଗ ହୋଇଛି ରାସ୍ତା ରୁ ଗୁଡ଼ି ଉଠି ଯିବା



ଫଳରେ ଗାଡି ମୋଟର ଯିବା ତ ଦୂରର କଥା ପାଦରେ ଚାଲି ଚାଲି ଯିବା ଆସିବା ସମ୍ଭବ ହେଉନି ଗତ ୨୦୧୮ରେ ଗ୍ରାମ ନିର୍ମାଣ ବିଭାଗ ପକ୍ଷରୁ ୫୮ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ହୋଇଥଲା ତେବେ ଠିକାଦାର ନିୟମିତ ମରାମତି ନ କରିବା ଯୋଗୁଁ ରାସ୍ତା ଅସ୍ଥା ସୋଚନୀୟ ହୋଇପଡିଛି ମରାମତି ପାଇଁ ଥିବା ଲକ୍ଷ୍ ଲକ୍ଷ ଟଙ୍କା ଯନ୍ତ୍ରୀ ଓ ଠିକାଦାର ମିଶି କୁଆଡେ ହଡ଼ପ କରିଥିବା ଅଭିଯୋଗ ହୋଇଛି ଏହି ରାସ୍ତା ଦେଇ ବ୍ଲକ ଅଧ୍ୟକ୍ଷ ଯିବା ଆସିବା କରୁଥିଲେ ମଧ୍ୟ ବିଭାଗ ପକ୍ଷରୁ ମରାମତି କରାନଯିବା ଦୁର୍ଭାଗ୍ୟ ଜନକ ବୋଲି କହିଛନ୍ତି ଗ୍ରାମ୍ୟ ନିର୍ମାଣ ବିଭାଗ ଏଥି ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି ।

# ଚକାପାଦର ଶିକ୍ଷକ ଗୁରୁ ପ୍ରସାଦ ପାଇଲେ ଓଏଏସ



ଫୁଲବାଣୀ, ୨୯।୫ (ଆନିସ): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ୍ ଅନ୍ତର୍ଗତ ବ୍ରାହ୍ମଣ ପଦ ଅଞ୍ଚଳ ର ଗୁରୁପ୍ରସାଦ ସାହୁ ପାଇଲେ ଓ ଏ ଏଏସ ଗୁରୁ ପ୍ରସାଦ ୧୧୫ନମ୍ବର ରେଙ୍କ ରଖି କୃତିତ୍ୱ ହସଲ କରିଛନ୍ତି ଗୁରୁ ପ୍ରାସାଦ ଜିଲ୍ଲା ମଙ୍ଗଳ ବିଭାଗ ଅଧୀନ ସର୍ତଗୁଡ଼ା ସ୍କୁଲ ରେ ଶିକ୍ଷକ ଅଛନ୍ତି ତାଙ୍କର ଦୃଢ଼ ସଂକଳ୍ପ, ନିଷ୍ଠା, ମନୋବଳ ଓ ଅକ୍ଳାନ୍ତ ପରିଶ୍ରମ ତାଙ୍କୁ ଏ ସଫଳତା ଆଣି ଦେଇଥିବା କହିଛନ୍ତି ସେ ଏ ସଫଳତା ପାଇଁ ବିଭାଗୀୟ ଅଧିକାରୀ, ପିତାମାତା ,ଗୁରୁଜନ, ସାଙ୍ଗ ସାଥି ଙ୍କୁ ଶ୍ରେୟ ଦେଇ ଛନ୍ତି ତୃତୀୟ ଥର ପରୀକ୍ଷା ଦେଇ ସେ ଏ ସଫଳତା ହାସଲ କରିଥିବା କହିଛନ୍ତି ଗୁରୁପ୍ରସାଦ ।

ଶିକ୍ଷକତା କରୁଥିବା ବେଳେ ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇ ସେ ଶାରୀରିକ ଅକ୍ଷମ ହୋଇଯାଇଛନ୍ତି । ତେବେ ଦୃଢ଼ ମନୋବଳ ଦେଇଛି ଏହି ସଫଳତା ସେ ପିଲାଙ୍କୁ ଉଚିତ୍ ଶିକ୍ଷାଦାନ କରିବା ସହ ବାକି ସମୟ ରେ ଓ ଏ ଏସ ପାଇଁ ପ୍ରସ୍ତୁତ ହେଉଥିଲେ ଗୁରୁ ପ୍ରସାଦ କନ୍ଧମାଳ ଭିଳି ପଛୁଆ ଜିଲ୍ଲାରେ ପାଠ ପଢି ଥିବରୁ ସେ ଆଦିବାସୀ ତଥା ପଛୁଆ ବର୍ଗ ଲୋକଙ୍କ ଉନ୍ନତୀ ତାଙ୍କର ପ୍ରାଥମିକତା ହେବ ବୋଲି କହିଛନ୍ତି ଗୁରୁପ୍ରସାଦ ଏହି ସଫଳତା ପାଇବା ପରେ ଚକାପାଦ ଓ ବ୍ରାହ୍ମଣ ପାଦ୍ ଅଞ୍ଚଳ ରେ ଖୁସିର ଲହରୀ ଖେଳିଯାଇଛି ସଫଳତା ହାସଲ ପରେତାଙ୍କ ନିକଟ କୁ ସାଙ୍ଗ ସାଥି ବନ୍ଧୁବାନ୍ଧବ, ସମ୍ପର୍କୀୟ ପକ୍ଷରୁ ଶୁଭେଚ୍ଛା ର ସୁଅ ଛୁଟିଛି ।

# ଫୁଲବାଣୀ ଲ୍ୟାମ୍ପସ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର

ଫୁଲବାଣୀ, ୨୯।୫ (ଆନିସ): ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଫୁଲବାଣୀ ଲ୍ୟାମ୍ପସ୍ ର ପରିଚାଳନା ନିର୍ଦ୍ଦେଶକ ଭୀମସେନ ସାହୁଙ୍କ ତତ୍ତ୍ୱାବଧାନରେ ଗୁରୁବାର ସ୍ଥାନୀୟ ସତାନ ଝରି ଗ୍ରାମରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଥିଲା ।

ଏଥିରେ ଡାକ୍ତର ରାଜ ଲକ୍ଷ୍ମୀ ଦୁବେ ମେଡିକାଲ୍ ଅଫିସର୍ ( ଏମଏ ଚ ୟୁ) ଲୋକ ନାଥ ପ୍ରଧାନ, ଫାର୍ମାସିଷ୍ଟ, କମଳିନୀ ସେଠୀ (ଏ ଏନ୍ ଏମ) ଓ ଆ ଟେଣ୍ଡଣ୍ଟ ଅନିଲ ପ୍ରଧାନ ପ୍ରମୁଖ ଯୋଗ ଦେଇ ଲୋକଂକ ସ୍ୱାସ୍ଥ୍ୟ ପରୀକ୍ଷା ସହ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟ ବୁଝି ଥିଲେ ଆବଶ୍ୟକତା ଅନୁସାରେ ମାଗଣା ଔଷଧ ପ୍ରଦାନ କରଯାଇଥିଲା । ଏଥିରେ ଗ୍ରମର ଶତାଧିକ ଲୋକ ଯୋଗ ଦେଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ ଅନ୍ୟ ମାନଙ୍କ ମଧରେ ଲ୍ୟାମ୍ପ ର ସଭାପତି ଚକ୍ରଧର ମଲିକ, ଲ୍ୟମ୍ପ ରଣ ସହାୟକ ବିଷ୍ଣୁ ପ୍ରଧାନ, କ୍ଷୀରୋଦ କୁମାର ମିଶ୍ର, ବି ସି ସିଁ ବି ବ୍ୟାଙ୍କ୍ ବ୍ରାଞ୍ଚ ମ୍ୟାନେଜର, ତ୍ରିଲୋଚନ ମହାପାତ୍ର ନିର୍ଦ୍ଦେଶକ,ଫୁଲବାଣୀ ଲ୍ୟମ୍ପ ପ୍ରମୁଖ ଉପସ୍ଥିତ ଥିଲେ ସମସ୍ତ ଙ୍କ ସହଯୋଗରେ ସ୍ୱାସ୍ଥ୍ୟ ସେବା ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଥଲା ।




## କାଳବୈଶାଖୀର ତାଣ୍ଡବଲୀଳା
# କୋଟଗଡରେ ୧୦ ପରିବାରର ବ୍ୟାପକ କ୍ଷୟକ୍ଷତି
### ସରକାରୀ ସହାୟତା ଦବୀ



ଫୁଲବାଣୀ,୨୯।୫ (ଆନିସ): କନ୍ଧମାଳ ଜିଲ୍ଲା କୋଟଗଡ ବ୍ଲକ ଅନ୍ତର୍ଗତ ଯୁବାଗୁଡା ପଂଚାୟତ ର ପଣ୍ଡାମହା ଗ୍ରାମରେ ଗୁରୁବାର ସନ୍ଧ୍ୟା ୭ ଟା ରେ ହଟାତ କଳା ମେଘ ଆକାଶରୁ ଆସି ପବନ, ବର୍ଷା,ବିଜୁଳି, ଘଡ ଘଡି ହୋଇ ଗ୍ରାମର ୧୦ ରୁ ଉର୍ଦ୍ଧ ପରିବାର ଲୋକଙ୍କ ଘର ଦ୍ୱାର ଉଡେଇ ନେଇଛି। ପଣ୍ଡାମହା ଗ୍ରାମ ରେ କାଳ ବୈଶାଖୀ ର ତାଣ୍ଡବ ରେ ୧୫/୨୦ ପରିବାର ଘର ଦ୍ୱାର ନାରଖାର ହୋଇଯାଇଛି। ଗରିବ ନିରୀହ ଆଦିବାସୀ ମାନଙ୍କ ଘର ଦ୍ୱାର ନାରଖାର ହୋଇଯାଇଛି। କାହାର ତ ଆଜବେଷ୍ଟ ୧୦୦ମିଟର ଦୂରକୁ ଉଡିଯାଇଛି। କାହାରତ ଘର ଉପରେ ଗଛ ପଡି କ୍ଷୟ କ୍ଷତି ହୋଇଛି। ଛଣ,ଆଜବେଷ୍ଟ, ଟିଣ, କାଠ ଦୁଲା ସବୁ ଉଡେଇନେଇଛି। ଲୋକେ ରାତ୍ର ସାରା ଅନିଦ୍ରା ହୋଇ ଗଛ ମୂଳରେ ଲୁଚିକି ରହିଥିଲେ। ଘରର କାଛ ଭୁସୁଳି ଯାଇଛି।ଚାଉଳ, ଧନ, ଟଙ୍କା, ପଇସା, ଅସ ପାତ୍ର ସବୁ ନଷ୍ଟ ହୋଇଯାଇଛି।

କଣ ଖାଇବେ କେମିତି ରହିବେ ଏହି ଗରିବ ନିରୀହ ଆଦିବାସୀ ମାନେ। କାଳ ବୈଶାଖୀ ର ତାଣ୍ଡବ ରେ କ୍ଷୟ କ୍ଷତି ଘଟି ଥିବା ପରିବାର ଯଥା ୱାର୍ଡ ମେମ୍ବର ଶ୍ରୀମତୀ କବିତା ମଲିକ, ମଗି ମଲିକ, ବନ୍ଦେଡା ମଲିକ, କୁନ୍ଦୁକୁଡି ମଲିକ, ସନାତନ ମଣ୍ଡଳ ମାଝୀ, ଆଶାଲତା ମଲିକ, କବିତା ମଲିକ, ପିଲିପ ମଣ୍ଡଳ ମାଝୀ, ଶ୍ରୀକାନ୍ତ ବେରୁକ ମାଝୀ, ବିଜୟ ବେରୁକ ମାଝୀ, ରିଟୁ ମଣ୍ଡଳ ମାଝୀ, ପିତ୍ରୀ ମଣ୍ଡଳ ମାଝୀ ବେଣ୍ଡି ମଣ୍ଡଳ ମାଝୀ।କ୍ଷତି ଗ୍ରସ୍ତ ଲୋକେ ଦୁର୍ଦଶା ରେ ରହିଛନ୍ତି ପ୍ରଶାସନ ପକ୍ଷରୁ ସେମାନଙ୍କୁ ସରକାରୀ ସହାୟତା ଯୋଗେଇଦେବାକୁ ଦାବି କରାଯାଇଛି। ଏଣୁ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ଏହି ପଣ୍ଡା ମହା ଗ୍ରାମର ନିରୀହ ଆଦିବାସୀ ମାନଙ୍କୁ ପ୍ରଧାନ ମନ୍ତ୍ରୀ ଆବାସ ଗୃହ ଯୋଗେଇ ଦେବାକୁ ଅଞ୍ଚଳ ବାସି ଦାବି କରିଛନ୍ତି। ସେହି ଭଳି କୋଟଗଡ ବ୍ଲକ ର ୧୫ଗୋଟି ପଂଚାୟତ ଯଥା କୋଟଗଡ, ମାଦାଗୁଡା, କୁଡ଼ାବାଲି, ଧରାକୋଟ, ଦୁର୍ଗାପଙ୍ଗା, ସୁବର୍ଣ୍ଣ ଗିରି ସାର୍ତ୍ତୁଲ, ଓରା, ଗୁଗୁର ମହା, ଶ୍ରୀରାମପୁର, ଯୁବାଗୁଡା, ମାର୍ଲାଙ୍ଗା,ପକାରୀ, ରାଣୀପଙ୍ଗା, ପାରିଗଡ଼ ରେ କାଳ ବୈଶାଖୀ ର ତାଣ୍ଡବ ରେ ଘର ଦ୍ୱାର ଉଡିଯାଇଛି। ଘର ଉପରେ ଗଛ ମଧ ପଡି ବହୁ ଲୋକଙ୍କ ବହୁତ କ୍ଷତି ହୋଇଛି।ଆସବ ପାତ୍ର ଠାରୁ ଆରମ୍ଭ କରି ଧାନ, ଚାଉଳ, ଟଙ୍କା, ପଇସା ବହୁତ ଜିନିଷ ନଷ୍ଟ ହୋଇଛି ।

# ଠାକୁରାଣୀ ଯାତ୍ରା ସରିଲା, ଗାତ ପୋତିବ କିଏ?

ଫୁଲବାଣୀ,୨୯।୫ (ଆନିସ): ଫୁଲବାଣୀ ରେ ପ୍ରସିଦ୍ଧ ଠାକୁରାଣୀ ଯାତ୍ରା ବେଳେ ତୋରଣ, ଗେଟ ଓ ବାଉଁଶ ବାଡ଼ ପୋତିବା ପାଇଁ ସହର ର ୧୫ ଗୋଟି ମାର୍କେଟ କମିଟି ପକ୍ଷରୁ ସାଜସଜ୍ଜା ପାଇଁ ପିଚୁ ଓ ମ୍ୟୁନିସିପାଲଟି କଂକ୍ରିଟ ଓ ଫେବର୍ ବ୍ଲକ ରାସ୍ତା ରେ ଶତାଧିକ ଗାତ ଖୋଳି ବାଉଁଶ ପୋତିଥିଲେ । ଯାତ୍ରା କମିଟି ମଧ ବହୁ ଗେଟ ନିର୍ମାଣ କରିଥିଲେ । ଗାତ ଗୁଡିକ ମୁଖ୍ୟତଃ ରାସ୍ତାରେ ଦୁଇ ପାର୍ଶ୍ୱରେ ଖୋଳା ଯାଇ ବାଉଁଶ ପୋତି ଆଲୋକ ସଜା ଯାଇଥିଲା । ଗାତ ଖୋଳିବା ପୂର୍ବରୁ ପୂର୍ତ୍ତ ବିଭାଗ ଓ ମ୍ୟୁନିସିପାଲଟି କର୍ତ୍ତୃପକ୍ଷ ଙ୍କ ର ଲିଖିତ ଅନୁମତି ନେବା ଆବଶ୍ୟକ ଥିଲେ ମଧ କମିଟି ଅନୁମତି ନେଇ ନଥାନ୍ତି କିମ୍ବା କର୍ତ୍ତୃପକ୍ଷ ମଧ ଧାର୍ମିକ ଯାତ୍ରା ବୋଲି କିଛି କହନ୍ତି ନାହିଁ ତେବେ ଯାତ୍ରା ସରିବା ପରେ ସେସବୁ ଶତାଧିକ ଗାତ ଗୁଡିକୁ ପୁନର୍ବାର ପୋତିବା ପାଇଁ କମିଟି ଓ ମାର୍କେଟ ର କର୍ମ କର୍ତ୍ତା ଭୁଲି ଯାଆନ୍ତି । ଏଥର ବି ସେଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଯାତ୍ରା ସରିବା ର ୧୦ଦିନ ବିତିଲାଣି ଆଉ ଆଗକୁ ବର୍ଷା ମଧ୍ୟ ଆସୁଛି ଲୋକେ ଗାତରେ ପଡି ଆଘାତ ପାଉଛନ୍ତି ଓ ଦୁର୍ଘଟଣା ର ଶିକାର ହେଉଛନ୍ତି ବୋଲି ଓକିଲ ବିଜୟ କୃଷ୍ଣ ପଟ୍ଟନାୟକ ଅଭିଯୋଗ କରିଛନ୍ତି । ଗାତ ଗୁଡିକ ତୁରନ୍ତ ପୋତିବାକୁ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଯାତ୍ରା କମିଟି ସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ପଟନାୟକ କହିଛନ୍ତି ।



# ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ମୋଦି, ସୂଚନା ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୫: ରାଜ୍ୟରେ ବିଜେପି ସରକାରର ଦୁଇବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେବେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଓଡ଼ିଶା ଗସ୍ତର ନିର୍ଦ୍ଦିଷ୍ଟ ତାରିଖ ଚୂଡ଼ାନ୍ତ ହୋଇନଥିଲେ ମଧ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବା ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗ୍ରୀନ୍ ସିଗନାଲ ମିଳିସାରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି।ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉତ୍ସବ ପାଇଁ ଜୁନ୍ ୧୨, ଜୁନ୍ ୨୦ ମଧ୍ୟରୁ ଯେକୌଣସି ଗୋଟିଏ ଦିନ ଓଡ଼ିଶା ଆସିବା ନିମନ୍ତେ ସମୟ ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ଓଡ଼ିଶା ଆସିବାକୁ ପ୍ରଧାନମନ୍ତ୍ରୀ ଗ୍ରୀନ୍ ସିଗନାଲ ଦେଇଛନ୍ତି।ତେବେ କେଉଁଦିନ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବେ ତାହା ଚୂଡ଼ାନ୍ତ ହୋଇନଥିବା ଜଣାପଡ଼ିଛି। ଗତ ମଇ ୨୫ତାରିଖରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟି ଓଡ଼ିଶା ଆସିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆମନ୍ତ୍ରଣ କରିଥିଲେ।ଆଜି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ ଏହି ସୂଚନା ଦେଇଛନ୍ତି।


### କବଲା ହଜିଛି

ମୁଁ ଶ୍ରୀନିବାସ ପ୍ରଧାନ, ପିତା- ଦଣ୍ଡପାଣି ପ୍ରଧାନ, ଗ୍ରାମ/ପୋଷ୍ଟ- କୋମଣ୍ଡ (ବଡ଼ସାହି) ଥାନା- ଓଡ଼ଗାଁ, ଜିଲ୍ଲା-ନୟାଗଡ଼ (ଓଡ଼ିଶା) ଜଣାଉ ଅଛିକି, ଗତ ତା ୨୫/୦୫/୨୦୨୬ ତାରିଖରେ ମୁଁ ଓଡ଼ଗାଁରୁ ମୋ ଗାଁ କୋମଣ୍ଡ ଫେରୁଥିବା ବେଳେ ଗତ ୦୯/୦୫/୨୦୧୭ ତାରିଖରେ ରେଜିଷ୍ଟ୍ରେସନ ହୋଇଥିବା ୧୧୪୦୧୭୦୦୦୫୩୫ ନମ୍ବର ରେଜେଷ୍ଟ୍ରି କବଲାଟି କେଉଁଠି ପଡିଯାଇଛି । ଯଦି କୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଆନ୍ତି, ତେବେ ଉପରୋକ୍ତ ଠିକଣାରେ ପଠାଇବାକୁ ଅନୁରୋଧ ।

ସ୍ୱା/- ଶ୍ରୀନିବାସ ପ୍ରଧାନ

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

# ଅନ୍ତଃକରଣର ଶୁଦ୍ଧତା ଓ ଭଗବାନ ପ୍ରାପ୍ତି

ଏ ମୋହ ମାୟା ସଂସାରରେ ସମସ୍ତିଙ୍କ ପାଇଁ ଭଗବତ ଗୀତା ହେଉଛି ପ୍ରେରଣାର ଉତ୍ସ। ସଙ୍କଟଜନକ ପରିସ୍ଥିତି ଦେଇ ଲୋକମାନଙ୍କୁ ନିୟନ୍ତ୍ରଣ କରି ସଫଳତାର ପଥରେ ଆଗେଇ ଯିବା ପାଇଁ ଏଥିରେ ରହିଛି ଯଥେଷ୍ଟ ଶିକ୍ଷଣୀୟ ଉପଦେଶ। ଗୀତାରୁ ସେମିତି କିଛି ଉପଦେଶ ଯାହାକୁ ସମସ୍ତ ଉଦ୍ୟୋଗୀ ନିଶ୍ଚୟ ଜାଣିବା ଉଚିତ। ଏହି ଭଗବତ ଗୀତାରେ ଜୀବନରେ ସଫଳତା ହାସଲ କରିବାକୁ ହେଲେ କୁହାଯାଇଛି ଯେ ଫଳପ୍ରାପ୍ତିରୁ ଦୂରେଇ ରହି ନିଜର କର୍ତ୍ତବ୍ୟ କରି ଚାଲିଲେ ଶେଷ ଫଳ ପ୍ରାପ୍ତି ଅଜାଣତରେ ହୋଇଥାଏ। ନିଜ କ୍ରୋଧ ଉପରେ ନିୟନ୍ତ୍ରଣ ନିୟନ୍ତ୍ରଣ କରିପାରିଲେ ଆପଣାଛାଏଁ ବହୁ ସମସ୍ୟାର ସମାଧାନ ହୋଇ ପାରିବ। କ୍ରୋଧରୁ ଆସେ ଭ୍ରାନ୍ତି ଭ୍ରାନ୍ତିରୁ ମତିଭ୍ରମ ମତିଭ୍ରମରୁ କାରଣ ନଷ୍ଟ କାରଣ ନଷ୍ଟରୁ ଜୀବନାଶ। ବିନା ମୋହରେ ଦକ୍ଷତାର ସହ ସବୁ ସମୟରେ ନିଜର କର୍ତ୍ତବ୍ୟ ପାଳନ ପୂର୍ବକ ମୋହ ତ୍ୟାଗ ପୂର୍ବକ କାମ କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ । ଏ ମାୟିକ ସଂସାରରେ ମୋହ ମାୟା ଭେଦଭାବକୁ ହୃଦୟଙ୍ଗମ କରି ଏସବୁ କରିପାରିଲେ ସେହି ପରମ ଦୟାବାନ ପରମବ୍ରହ୍ମ ପରମ ପୁରୁଷକୁ ଆମେ ମାନେ ଉପଲବ୍ଧି କରିପାରିବା ତଥା ତାଙ୍କୁ ପ୍ରାପ୍ତ କରିପାରିବା ତଥା ସେ ଶୀଘ୍ର ଆମକୁ ମିଳିଯିବେ ।

ତେବେ ଆମ ମାନଙ୍କ ମନରେ ଏକ ପ୍ରଶ୍ନ ଉଠେ ଯେ ଭଗବାନ୍ ଯଦି ଏତେ ଦୟାବାନ ତେବେ ଆମେ ଏତେ ଆକୁଳ ନିବେଦନ କଲେ ମଧ୍ୟ ଆମକୁ ସିଏ ଶୀଘ୍ର ମିଳନ୍ତି ନାହିଁ କାହିଁକି ? ତେବେ ଏଠାରେ ଏତିକି କୁହାଯାଇପାରେ ଯେ ବିଶ୍ୱାସ ରଖିବା ଉଚିତ୍ ଯେ ଯାହାକିଛି ବିଳମ୍ବ ଭଗବତ୍ ମିଳନରେ ହେଉଛି, ସେସବୁ ଆମ ମାନଙ୍କ କଲ୍ୟାଣ ନିମନ୍ତେ ହୋଇଥାଏ ଆଉ ଏଥିରେ କୌଣସି ସନ୍ଦେହ ନାହିଁ । ବିଳମ୍ବ ଦ୍ୱାରା ଆମ ଭିତରେ ବ୍ୟାକୁଳତା ଭାବ ବୃଦ୍ଧି ପାଇଥାଏ । ଭଗବାନଙ୍କର ଦୟା ପ୍ରତି ମନୁଷ୍ୟ ତ ଅନୁମାନ କରିପାରିବ ନାହିଁ । ତାଙ୍କ ଦୟାର ଅନୁଭବ କରିବାରେ ଯେଉଁ ଆନନ୍ଦ, ତାହା ଖୁବ୍ ତୃପ୍ତିମୟୀ । ଅନ୍ତଃକରଣରେ ଯଦି ପ୍ରସନ୍ନତା ବୋଧ ହେଉନାହିଁ, କେବଳ କଳ୍ପନା କରି ନେବା ଉଚିତ୍ କି ଅନ୍ତଃକରଣ ପ୍ରସନ୍ନତାରେ ଭରି ହୋଇରହିଛି, ତେବେ ସେହି ସଂକଳ୍ପ ସତ୍ୟ ହୋଇଉଠିବ । ଭଗବାନଙ୍କର ଦୟାରେ ସେହି ସଂକଳ୍ପ ସତ୍ୟ ହୋଇଯାଏ, ଏଥିରେ କୌଣସି ସନ୍ଦେହ ନାହିଁ । ଯାହାର ମନ ଭଲ ଭାବରେ ଶାନ୍ତ, ଯିଏ ପ୍ରପଞ୍ଚରୁ ରହିତ, ଯିଏ ସତ୍ୟନିଷ୍ଠ ସେ ନିଶ୍ଚିତ ଏକ ଯୋଗୀ ପଦବାଚ୍ୟ ଆଉ ସେ ପରମବ୍ରହ୍ମ ପ୍ରାପ୍ତ ହୋଇ ଅତ୍ୟୁତ୍ତମ ଆନନ୍ଦ ପ୍ରାପ୍ତି ପାଇଥାଏ । ନିଷ୍ପାପ ଯୋଗୀ ଏହିଭଳି ନିରନ୍ତର ଆତ୍ମାକୁ ପରମାତ୍ମାରେ ଲଗାଇରଖି ସୁଖ ପୂର୍ବକ ପରବ୍ରହ୍ମ ପରମାତ୍ମାପ୍ରାପ୍ତି ରୂପକ ଅନନ୍ତ ଆନନ୍ଦ ଉପଲବ୍ଧି କରି ପାରନ୍ତି ।

ସାଧନରେ ସୁଖ ଓ ପରିଣାମରେ ପରମସୁଖ ପ୍ରାପ୍ତିରେ ଶଙ୍କାର ସ୍ଥାନ ନାହିଁ । ତେଣୁ ପ୍ରତ୍ୟକ୍ଷ ସାଧନ କରିବା ଉଚିତ୍ ଆଉ ତାର ସତ୍ୟତାର ପରୀକ୍ଷା ନେବା ବି ଉଚିତ୍ । ଯେତେବେଳେ ସେହି ଆନନ୍ଦରେ ରସ ପ୍ରାପ୍ତି ହେବ, ସେତେବେଳ ଆଉ ଅନ୍ୟ କୌଣସି ସାଧନର ଆବଶ୍ୟକତା ପଡିବ ନାହିଁ । ପ୍ରସନ୍ନତାରେ ଏତେ ମୁଗ୍ଧ ହୋଇଯିବା ଦରକାର କି ଅନ୍ୟ କୌଣସି ଚିନ୍ତା ରହିବ ହିଁ ନାହିଁ । ଭଗବାନଙ୍କର ଶରଣ ନେବା ପରେ ଚିନ୍ତାର ଆଉ କୌଣସି କାରଣ ନାହିଁ ତଥା ଚିନ୍ତା ତାଠାରୁ ଯୋଜନ କୋଷ ଦୂରରେ ହିଁ ରହିବ । ଭଗବାନ ପ୍ରାପ୍ତିରେ ଜୀବନଟା ଆନନ୍ଦ ହିଁ ଆନନ୍ଦ ଆଉ ସେଠାରେ ଜୀଇଁବା-ମରିବାର ଖାତିର ନାହିଁ । ସେଠାରେ କୌଣସି ସାଂସାରିକ ଇଚ୍ଛାର ଅଭାବ ରହିଥାଏ । ଯେତେବେଳେ ଆନନ୍ଦରେ ମନୁଷ୍ୟର ଏଭଳି ଅବସ୍ଥା ହୋଇଥାଏ, ସେତେବେଳେ ଭଗବାନ୍ ସ୍ୱୟଂ ତାକୁ ସମ୍ଭାଳିଥାନ୍ତି । ତାହାର ଆଧାର କ'ଣ ? କେବଳ ପ୍ରଭୁ ପ୍ରେମ ଓ ପ୍ରଭୁଙ୍କର ଦୟା । ତାଠାରୁ ବଳି ଆଉ ଆଧାର କ'ଣ ହୋଇପାରେ ! ଗୋଟିଏ ଶିଶୁର ଆଧାର କ'ଣ ? କେବଳ ମାତା ଦୁଗ୍ଧ ପାନ ନିମିତ୍ତ ଶିଶୁ କ୍ରନ୍ଦନ କରିଥାଏ ଆଉ ମାତା ତାକୁ ଦୁଗ୍ଧପାନ କରାଇଥାଏ । ଏମିତି ମାତା କେବେ ସେଥିରେ ବିଳମ୍ବ କରିପାରେ, କିନ୍ତୁ ଭଗବାନ୍ ଏଭଳି ବିଳମ୍ବ କେବେ କରିପାରିବେ ନାହିଁ ? ଆଉ ଯଦି କରନ୍ତି, ତେବେ ଏହା ବୁଝିବାକୁ ହେବ କି ସେଥିରେ ନିଜର ଅଧିକା କଲ୍ୟାଣ ରହିଛି ।

ଭଗବାନ୍ ସର୍ବଜ୍ଞ ଅଟନ୍ତି । ନିଜର ମଙ୍ଗଳ କେଉଁଥିରେ, ତାହା ସେ ଭଲ ଭାବରେ ଜାଣନ୍ତି । ଅତଏବ ତାଙ୍କ ଉପରେ ଦୃଢ ଅତୁଟ ବିଶ୍ୱାସ ରଖି କୌଣସି ପ୍ରକାର ଚିନ୍ତା କରିବ ନାହିଁ । ଯେଭଳି ଜଣେ ଚକ୍ଷୁ ବିହୀନ ବ୍ୟକ୍ତି ମଧୁ ଖାଇ ଆନନ୍ଦରେ ମଗ୍ନ ହୋଇଯାଏ, ସେହିଭଳି ଭଗବାନଙ୍କର ଦୟା ଉପରେ ବିଚାରକରି ସେଥିରେ ନିମଗ୍ନ ହୋଇଯିବା ଦରକାର, ଅନ୍ୟ କୌଣସି କଥାର ବିଚାର କରିବା ଉଚିତ ନୁହେଁ । ଭଗବାନଙ୍କ ବିଚାରରେ ରାଜି ହୋଇଯିବା ଦରକାର, ଚାହେଁ ଖାଲ ମଧ୍ୟରେ ପତିତ ହୁଅ, ସେଥିରେ କୌଣସି ଆପତ୍ତି ନାହିଁ । ସେଥିରେ ହିଁ ପ୍ରସନ୍ନ ରହିବା ଦରକାର । ଆଉ ସେହି ଭଗବତ୍ ଆନନ୍ଦର ଦୃଢତା ସହକାରେ ପ୍ରଚାର କର, ଯେପରି ଅନ୍ୟ ସମସ୍ତେ ମଧ୍ୟ ସେହି ଆନନ୍ଦରେ ମୁଗ୍ଧ ହୋଇଚାଲିବେ । ଏଭଳି ସ୍ଥିତି ହେବା ଦରକାର କି, ଯଦି ସେ ସମୟରେ କେହି ତାଙ୍କୁ ଅଗ୍ନିରେ ନିକ୍ଷେପ କରନ୍ତି ତାହା ମଧ୍ୟ ତାଙ୍କୁ ଜଣାପଡିବ ନାହିଁ । ପ୍ରଶ୍ନ ହୋଇପାରେ କି, ଏଭଳି ସ୍ଥିତିରେ ବିକାର ଉତ୍ପନ୍ନ ହେବା ସମ୍ଭବ, ତେବେ ସେଠାରେ ବିକାର ଉତ୍ପନ୍ନ ହେବାର କାରଣ ହିଁ ନାହିଁ । ଯଦି ବିକାର ଉତ୍ପନ୍ନ ହୁଏ, ତେବେ ତାହା ମୂର୍ଖତା ମାତ୍ର, ଅଜ୍ଞତା ହିଁ ତାହାର କାରଣ ହୋଇପାରେ । ଅତଏବ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଶକ୍ତି ଅନୁସାରେ ସାଧନ ଜାରି ରଖିବା ଦରକାର ଆଉ ଭଗବାନଙ୍କର ଅସୀମ ଦୟାର ଅନୁଭବ କରି ମୁଗ୍ଧ ହେବା ଦରକାର । ଫଳତଃ ଏହି ସାଧନରେ ଯେତେ ସମୟ ଲଗ୍ନ ହୋଇରହିବ, ଆନନ୍ଦ ସେତିକି ସେତିକି ଅନୁଭବ ହୋଇ ଚାଲିବ । ତଥା ପରିଣାମତଃ ପରମାନନ୍ଦ ପ୍ରାପ୍ତି ହୋଇପାରିବ, ଏଥିରେ କୌଣସି ସନ୍ଦେହ ନାହିଁ ।

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**
**ଅରଙ୍ଗାବାଦ, ବରୀ, ଯାଜପୁର**

# ଅସ୍ଥିର ଅସ୍ତିତ୍ୱ

## କେଶବ ଚନ୍ଦ୍ର ନାୟକ

**ମୋ** ବାପା ରେଙ୍ଗୁନରେ ଜନ୍ମ ହୋଇଥିଲେ। ସେହି ସମୟରେ ମୋ ଜେଜେ ବାପା ହାଡୁ ନାୟକ ରେଙ୍ଗୁନରେ ଥିଲେ।ମୋ ବାପା ଉତ୍ସବ ଆଉ ମୋ ବଡ ବାପା ଚୈତନ୍ୟଙ୍କ କହିବା ଅନୁସାରେ ଜେଜେବାପା ଜମିଦାର ଥିଲେ।ଘୋଡାରେ ଯାତାୟାତ କରୁଥିଲେ। କାନରେ କୁଣ୍ଡଳ ଓ ବେକରେ ବେକେ ସୁନା ମାଳି ପିନ୍ଧିଥିଲେ । ବହୁ ଜମିର ମାଲିକ । ସେ ସେଠାରେ ଜଣେ ବ୍ରାହ୍ମଣ ଜାତିର କନ୍ୟାକୁ ବିବାହ କରି ଥିଲେ।ରେଙ୍ଗୁନ ଭଗଡ ହେଲା ପରେ ଓଡ଼ିଶାରୁ ଯାଇଥିବା ଓଡ଼ିଆମାନେ ନିଜ ନିଜ ଭିଟା ମାଟିକୁ ପ୍ରତ୍ୟାବର୍ତ୍ତନ କଲେ । ସେହି ସମୟରେ ସପରିବାରେ ମୋ ଜେଜେବାପା ପିଲାମାନଙ୍କୁ ସାଙ୍ଗରେ ଧରି ଫେରିବା ବାଟରେ ମୃତ୍ୟୁ ବରଣ କରିଥିଲେ। ଛୋଟ ଛୋଟ ପିଲାମାନଙ୍କୁ ସାଙ୍ଗରେ ଧରି ମୋ ଜେଜେମା ପାଟ କଷ୍ଟେ ମଷ୍ଟେ ଗଞ୍ଜାମ ଫେରିଲେ।

ମୁଁ ଜାଣିବାରେ ମୋ ବଡ ବାପା ଚୈତନ୍ୟ, ମୋ ବାପା ଉତ୍ସବ ଆଉ ମୋର ଦୁଇ ଜଣ ଦଦେଇ ପାଣ୍ଡବ ଓ ଅଗାଧୁ ଥିଲେ। ବାସ୍ତବରେ କହିବାକୁ ଗଲେ ମୋ ଜେଜେବାପା ଙ୍କ ନିଜ ଘର ପଞ୍ଝଭୂତି । ସେ ସେଠାରେ ପ୍ରଥମେ ବାହା ହୋଇଥିଲେ ସ୍ବଜାତରେ। ପ୍ରଥମ ସ୍ତ୍ରୀଙ୍କର ଗୋଟିଏ ପୁତ୍ର ଜନ୍ମ ହୋଇଥିଲା ।

ପରେ ପରେ ସେ ରେଙ୍ଗୁନ ଯାଇ ସେଠାରେ କୃଷି କାର୍ଯ୍ୟ ଆରମ୍ଭ କରି ବହୁ ଜମି କ୍ରୟ କରି ମାଲିକ ହୋଇ ଥିଲେ। ଆଉ ଗଞ୍ଜାମ କେବେ ଫେରି ନାହାଁନ୍ତି। ତାଙ୍କ ପ୍ରଥମ ସ୍ତ୍ରୀଙ୍କର ଗୋଟିଏ ପୁତ୍ର ଥିଲା, ଯାହାଙ୍କ ନାମ ଅରକ୍ଷିତ ଥିଲା। ମୋ ଜେଜେମା ପାଟ ରେଙ୍ଗୁନରୁ ଫେରିଲା ବେଳେ ବହୁ ସୁନା ରୂପା ନେଇ ଆସିଥିଲେ। ପ୍ରଥମେ ସେ କେନ୍ଦୁପଦର ପହଞ୍ଚିଲେ ଛୋଟ ଛୋଟ ପିଲାମାନଙ୍କୁ ଧରି। ସେ ପଣ୍ଡା ଘର ଝିଅ ହୋଇ ଭିନ୍ନ ଜାତିରେ ବାହା ହୋଇଥିବାରୁ ତାଙ୍କୁ ଗ୍ରହଣ କଲେ ନାହିଁ। ତେବେ କେନ୍ଦୁ ପଦରେ ସରକାରୀ ଜାଗାରେ ଏକ କୁଡିଆ ଖଣ୍ଡେ ନିର୍ମାଣ କରି ଛୋଟ ଛୋଟ ପିଲାମାନଙ୍କୁ ଧରି ସୁନା ରୁପା ବିକି ଭାଙ୍ଗି ପ୍ରତି ପୋଷଣ ହେଲେ। କହିବାକୁ ଗଲେ ମୋ ଜେଜେମା ୧୨ ଗୋଟି ପିଲାର ଜନନୀ ଥିଲେ। ରେଙ୍ଗୁନର ରହଣି ସମୟରେ ୪ ଗୋଟି ପିଲାର ଦେହାନ୍ତ ହୋଇଥିଲା। ରେଙ୍ଗୁନ ଭଗଡ ବେଳେ ବାଟରେ ୨ ଟି ପିଲା ମରିଥିଲେ। ଆଉ ୬ ଟି ପିଲା ମଧ୍ୟରୁ କେନ୍ଦୁପଦରରେ ୨ଟି ପିଲା ମରି ବାକି ୪ଟି ପିଲା ବଞ୍ଚି ଥିଲେ। ସେମୟେ ଝାଡା ବାନ୍ତି ବା ହେବାରୁ ମୋ ଜେଜେମା ମୃତ୍ୟୁ ବରଣ କରିଥିଲେ। ଜେଜେଙ୍କ ମୃତ୍ୟୁ ପରେ ୪ ଜଣ ପିଲା ଅନାଥ ହୋଇ ଗଲେ। ସେହି ଅନାଥ ପିଲାମାନେ ପରବର୍ତ୍ତୀ ସମୟରେ ଘୁମୁସର ଗଡ଼ରେ ପହଞ୍ଚିଲେ । ସେଠାରେ ଛୋଟ ଛୋଟ ପିଲାମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜନ କରାଗଲା। ଚାରିଭାଇ କୌଣସି ପ୍ରକାରେ ଯୁବକ ହେଲା ପରେ ଏମାନେ ସମସ୍ତେ ବିବାହ କଲେ । ଅଗାଧୁ ନାମରେ ଯେଉଁ ଦେଇଥିଲେ,ସେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ରେ ଚାକିରୀ କଲେ। ବଡବାପା ଚୈତନ୍ୟ ବ୍ରହ୍ମପୁର ମେଡ଼ିକାଲରେ ଚାକିରି କଲେ। ମୋ ବାପା ରାଉରକେଲାରେ ଚାକିରି କରୁ ଥିଲେ। କିନ୍ତୁ କୌଣସି କାରଣରୁ ସେ ଚାକିରି ଛାଡି ଗାଁ କୁ ଫେରିଆସିଲେ। ମୋର ଅନ୍ୟ ଜଣେ ଦେଇ ପାଣ୍ଡବ ମଧ୍ୟ ସେ ମୋ ବାପାଙ୍କ ସହିତ ଗାଁ କୁ ଆସି ଚାଷବାସ କାମ କଲେ।

ମୁଁ ଯେତେବେଳ ତୃତୀୟ ଶ୍ରେଣୀରେ ପଢୁଥିଲି ମୋ ଦଦେଇଙ୍କ ହଠାତ୍ ମୃତ୍ୟୁ ଘଟିଥିଲା। ଚାରି ଜଣ ଭାଇଙ୍କ ମଧ୍ୟରୁ ପାଣ୍ଡବ ଜଣେ ବଳଶାଳୀ ବ୍ୟକ୍ତି ଥିଲେ। ଅନ୍ୟାୟ ଅନୀତିକୁ ସେ କେବେ ସହ୍ୟ କରି ପାରୁ ନଥିଲେ । ଜଣେ ଲୋକ ଦଶ ଲୋକଙ୍କୁ ସମ୍ଭାଳିବା ଭଳି ବଳ ଥିଲା। ତାଙ୍କୁ ସମସ୍ତେ ଭୟ କରୁଥିଲେ।

ଯେଉଁ ଦିନ ସେ ଅପରାହ୍ନ ୪ ଟା ସମୟରେ ଅଚାନକ ମୃତ୍ୟୁ ବରଣ କଲେ । ସେ ପଡୋଶୀ ଘରୁ ଦିଆ ଯାଇଥିବା କ୍ଷୀରି ଖାଇ ଥିଲେ। ଏଣୁ କ୍ଷୀରି ରେ ବିଷ ପ୍ରୟୋଗ ହୋଇଥିବା ଚର୍ଚ୍ଚା ହୋଇଥିଲା। କିନ୍ତୁ ଏହା ଏକ ଗୁଜବ କହି ତରବରିଆ ଭାବେ ଶ୍ମଶାନରେ ଦାହ ହୋଇ ଥିଲା। ମୋ ଦଦେଇ ଜଣେ ନିଃସନ୍ତାନ ଥିଲେ। ସେ ମଲା ପରେ ତାଙ୍କ ସ୍ତ୍ରୀ ଅନ୍ୟତ୍ର ବାହା ହୋଇ କୌଶଳ କ୍ରମରେ ଘର ଡିହ ବିକି ଚାଲି ଯାଇଥିଲେ । ବ୍ରହ୍ମପୁରରେ ମୋ ବଡ ବାପା ଏବଂ ବଡ ମା ମେଡିକାଲରେ ଚାକିରି କରୁଥିଲେ। ତାଙ୍କର ୭ ଟି ଝିଅ। ପୁଅ ଗୋଟେ ନାହିଁ।

ଦୁହେଁ ମଲା ପରେ ତାଙ୍କର ପିଣ୍ଡ ଦାନ କରିବାକୁ କେହି ନାହିଁ। କାରଣ ସେମାନେ ଚାହିଁଥିଲେ ଦତ୍ତ ପୁତ୍ର କରି ପାରିଥାନ୍ତେ। ମାତ୍ର ତାଙ୍କ ଝିଅମାନଙ୍କ ମଧ୍ୟରୁ ଅଧିକାଂଶ ଝିଅଙ୍କ ସହ ମତି ନଥିବାରୁ ଆମ ବଂଶର କୌଣସି ପୁତ୍ରକୁ ନେଇ ଦତ୍ତ ପୁତ୍ର କରି ପାରିଥାନ୍ତେ। ମାତ୍ର ଝିଅମାନେ ସମ୍ପତ୍ତି କାଳେ କିଏ ଖାଇ ଯିବ ଭାବି ଦତ୍ତ ପୁତ୍ର କଲେ ନାହିଁ। ଏଣୁ ସେ ଦୁହେଁ ମଲା ପରେ ପିଣ୍ଡ ପାଣି କିଏ ଦେଲେ ନାହିଁ। ଅପାଣିଆରେ ଗଲେ। ବାକି ରହିଲା ରାଉରକେଲାରେ ରହି କାମ କରୁଥିବା ଅଗାଧୁ ଦଦେଇ । ସେ ଆଉ ତାଙ୍କ ସ୍ତ୍ରୀଙ୍କ ଆଗପଛ ହୋଇ ମୃତ୍ୟୁ ବରଣ କଲେ । ସେ ଅବସର ନେବା ପରେ ରାଉରକେଲାରେ ରହିଲେ । ତାଙ୍କର ପାଞ୍ଚଟି ପୁଅ ଏବଂ ଦୁଇଟି ଝିଅ ଜନ୍ମ ହୋଇଥିଲା। ସେମାନେ ସେଠାରେ ଅଛନ୍ତି। ନିଜ ନିଜ କାମ ଧନ୍ଦା କରି ଜୀବିକା ନିର୍ବାହ କରୁଛନ୍ତି। ମୁଁ ୧୯୮୪ ମସିହାରେ ସେଠାରେ ଥିଲି । କଲେଜରେ ଆଇଏ ପଢୁଥିଲି । ମୋ ଦଦେଇ ଟିକେ ମଦ୍ୟ ପାନ କରନ୍ତି। ପିଇଲା ପରେ ପାଟି ତୁଣ୍ଡ କରନ୍ତି। ପିଲାମାନେ ସବୁ ଅପାଠୁଆ। ଖୁଡି ମାନସିକ ରୋଗୀ। ଏଣୁ ଘରର ଯତ୍ନ ନେବା ପାଇଁ କିଏ ନାହିଁ। ମୋ କକା ଗାଁ କୁ ଆସିଥିଲେ। ମତେ କହିଲେ: ତୁ ରାଉରକେଲାକୁ ଆସେ , ସେଠାରେ କଲେଜରେ ପଢାଇବି ଆଉ ତୁ ପିଲାମାନଙ୍କୁ ପାଠ ପଢାଇବୁ। ମୁଁ କକାଙ୍କ ଭରସାରେ ରାଉରକେଲା ଗଲି। ସାନ୍ଧ୍ୟ କଲେଜରେ ନାଁ ଲେଖାଇଲି। ପ୍ରଥମ ବର୍ଷା ସୁଖ ଦୁଃଖ ରେ ଚାଲିଲା। ପିଲାମାନଙ୍କୁ ପାଠ ପଢାଇଲି। କିଏ ପ୍ରଥମ, କିଏ ଦ୍ୱିତୀୟ, କିଏ ତୃତୀୟ, ଚତୁର୍ଥରେ ପଢୁଥିଲେ।

ସକାଳ ହେଲେ ସବୁ ପିଲା ଫୁଁ....! ସ୍କୁଲ କୁ ଯିବା ଆସିବାର ନାଁ ଗନ୍ଧ ନାହିଁ। ବୁଲି ବୁଲୁ ୧୧ ଟା ,୧୨ଟା ଆସିବେ। ଆଗ ଆଗ ବଡ ଭାଇ ବୋଲି ମୋ କଥା ମାନୁଥିଲେ। ପରେ ମୋ କଥା ମାନିଲେ ନାହିଁ। ଯେଉଁ ବାଇଲା କୁ ସେଇ ବାଇଲା। ସବୁ ଛତରା । ମୁଁ ବେଳେ ବେଳେ ଡରାଏ ।ପାଠ ପଢ କହେ ତାଗିଦ କରେ ।

ଏହା କିଛି ଦିନ କାଳେ ଆସିଲା। ତାପରେ ଯୋଉ କଥା କୁ ସେହି କଥା। ମୋ ପାଠ ପ୍ରତି ମୁଁ ଧ୍ୟାନ ଦେଉଥାଏ। ମୋର ଜଣେ ସହ ପାଠି ଥିଲା। ଦୁଃଶାସନ ସେନାପତି। ଦୁହେଁ ସାଙ୍ଗ।

ମୁଁ ତାଙ୍କ ବସାକୁ ଯାଏ। ଗପସପ କରେ। ବେଳେ ବେଳେ ତାଙ୍କ ଘରେ ଖାଏ। ସେ ଆଉ ତାଙ୍କ ବଡ ଭାଇ ମିଶି ଏକ ବଙ୍ଗାଳୀ ଘରେ ଭଡ଼ାରେ ଥିଲେ।

ଆଇଏ ଦ୍ୱିତୀୟ ବର୍ଷର ଛାତ୍ର। ଏଆଇଏଲ ଓଡ଼ିଆ ଛାଡି ଦେଲେ ସବୁ ସବଜେକ୍ଟ ଇଂରାଜୀ। ଯେମିତି ହେଲେ ଆଇଏ ପାଶ କରିବାକୁ ପଡିବ। ମୋ ମୁଣ୍ଡକୁ ମୋ ପାଠ ବଡ ଜଟିଳ। ଆଉ କକାଙ୍କ ବାଳୁଙ୍ଗା ପିଲାଙ୍କୁ କିଏ ଧ୍ୟାନ ଦେବ। କୁକୁର ଲାଙ୍ଗୁଡ , ଜନ୍ମରୁ ବଙ୍କା। ମୋ କକା ଯେତେ ବେଳେ ଡିଉଟିକୁ ଯିବେ ଘର ଶାନ୍ତି। ଆଉ ଡିଉଟିରୁ ଘରକୁ ଫେରିବା ବେଳକୁ ଢୋଳେ ମଦ ପିଇ ପାଟି କରି କରି ଆସନ୍ତି।

ଆମେ ୧୬ ନମ୍ବର ସେକ୍ଟରରେ ଥିଲୁ। ସାହି ପଡୋଶୀ ଅଶାନ୍ତି । ମଦ ପିଇ ପାଟି କଲେ ଆଉ ବିନା କାରଣରେ ଗାଳି ଗୁଲଜ କଲେ କିଏ କେତେ ସମ୍ଭାଳିବେ । ସବୁ ସାହି ପଡିଶୀ ମତେ ଅଭିଯୋଗ କରନ୍ତି। ମୁଁ ମଦ୍ୟପ କକାଙ୍କୁ ବୁଝାଇବା ଚେଷ୍ଟା କରେ । ସେହି କିଛି ସମୟ ନିରବ। ମୁଁ ବାହାରକୁ ଗଲା ପରେ ଯୋଉ କଥା କୁ ସେହି କଥା। କକା ପୁତୁରା ମଧ୍ୟରେ ଅଶାନ୍ତି ବଢିଲା। ମୁଁ ବାଧ୍ୟହୋଇ ବିବାଦ ଉତ୍କଟ ହେବାରୁ ଅଧାରୁ ପାଠ ଛାଡି ଗାଁ କୁ ଆସିଲି । ପୁନଶ୍ଚ ପାଠ ପଢି ସମାଜ ବିଜ୍ଞାନରେ ସ୍ନାତକୋତ୍ତର କଲି। ମୁଁ ଚାକିରୀ କରିବା ଉଦ୍ଧେଶ୍ୟରେ କିଛି ମାସ ଭୁବନେଶ୍ୱରେ ଥିଲି। କିଛି ବର୍ଷ ପୁରୀରେ ଥିଲି । ପୁନଶ୍ଚ ମାଲକାନଗିରି କୁ ୧୯୯୨ରେ ଆସିଲି । ଚାକିରି ପାଇଁ ସବୁଠି ସୁପାରିଶ ଆଉ ଲାଞ୍ଚ। ଏଣୁ ମୋ ବାପା ଜଣେ ଗାଉଁଲି। ଆଉ ଅଶିକ୍ଷିତ। ତେଣୁ ହାତ ଫାତ ତାଙ୍କର ନାହିଁ। ଲାଞ୍ଚ ଦେବାକୁ ମୋ ବାପା ପାଖରେ ସମ୍ବଳ ନାହିଁ। ଏଣୁ ମୋର ସରକାରୀ ଚାକିରି କରିବାର ଯେଉଁ ଲାଳସା ଥିଲା,ମୋ ମନରୁ ଧୀରେ ଧୀରେ ନିଷ୍ପ୍ରଭ ହୋଇ ଗଲା । ମୁଁ ଅନ୍ୟ ଏକ ବୃତ୍ତିକୁ ଆପଣେଇ ନେଲି ।

ସ୍ୱାଧୀନ ପ୍ରଫେସନ ଜୋର୍ନାଲିଷ୍ଟ। ମୋର ଟିକେ ସାହିତ୍ୟ ଗଳ୍ପ ଯୁବ ଅବସ୍ଥାରୁ ଅଛି। ଏଣୁ ଲେଖା ଲେଖି ପାଇଁ ଏ ପ୍ରଫେସନାଲ ମତେ ସୁଟ୍ କଲା । ଲେଖିବା ପଢିବା ମୋର ହବିଷ । ପ୍ରାଇଭେଟ୍ କଲେଜରେ ଦୁଇ ବର୍ଷ ଲାଗି ଅଧ୍ୟାପକ ଥିଲି। କଲେଜ ପିଲାମାନଙ୍କୁ କୋଚିଙ୍ଗ ଦେଉଥିଲି । ମୋ ସବଜେକ୍ଟରେ ଛାତ୍ରଛାତ୍ରୀମାନେ ଭଲ ମାର୍କ ରଖିଥିଲେ।

ମୋ ବାପା ମାଁ ଯେତେବେଳେ ବୁଢ଼ାବୁଢ଼ୀ ହୋଇ ଗଲେ ମୋ ପାଖରେ ଆସି ରହିଲେ। ବାପା ମାଙ୍କୁ ଯେମିତି ସେବା ସୁଶ୍ରୁଷା କରିବା କଥା କଲି। ପ୍ରାୟ ୯୦ ବର୍ଷରେ ମୋ ବାପାଙ୍କର ମୃତ୍ୟୁ ହେଲା । ଠିକ ପାଞ୍ଚ ବର୍ଷ ବ୍ୟବଧାନରେ ମୋ ମା ମଲା। ମୁଁ ବଡ ପୁଅ। କ୍ରିୟା କର୍ମ କଲି। ମଶାଣିରୁ ହାଡ ଶୀତଳାଇ ଏକ କଳସରେ ହାଡକୁ ଭରି ଆଣିଲି। ମୁଁ ଯେଉଁଠି ରହୁଥିଲେ ସେ ରାସ୍ତା କଡରେ ବିରାଟ କାକପୋଇ ଗଛ ଥିଲା । ଶୂନଶାନ ରାତି ରେ ସେ ଗଛ ମୂଳେ ଅସ୍ଥି କଳସ କୁ ପୋତି ଦେଲୁ। ମୋ ମା ମଲା ପରେ ତା ଅସ୍ଥି ଆଣି ଆମ ଘରର ଅନତି ଦୂରରେ ରଖିଲୁ।

ଏହି ଅସ୍ଥିକୁ ବିସର୍ଜନ ଲାଗି ଟିକେ ବିଳମ୍ବ ହେଲା । ଆମେ ୩ ଭାଇ। ମଝିଆ ଓକିଲ ଆଉ ସାନଟା ଓଡ଼ିଆ ଅଧ୍ୟାପକ। ସମସ୍ତେ ବିଜି । ଇତି ମଧ୍ୟରେ ମୋ ସାନପୁଅ ବିକାଶ ଓ ମୋ ସ୍ତ୍ରୀ ସାବିତ୍ରୀ କହିଲେ, ଆମେ ପୁରୀକୁ ଯାଇ ବୁଢ଼ା ବୁଢ଼ୀର ଅସ୍ଥି ବିସର୍ଜନ କରିବୁ । ଦିନ ସ୍ଥିର ହେଲା ପୁରୀ ଯିବେ। ମୋ ମାର ଅସ୍ଥି ଯେଉଁ ସ୍ଥାନରେ ପୋତା ହୋଇ ଥିଲା, ସେଠାରେ ମିଳିଲା ନାହିଁ। ଖୋଳି ଖୋଳି ବିରକ୍ତ। ଶେଷରେ ବଡ କଷ୍ଟରେ ମିଳିଲା। ଲୋକମାନେ କହନ୍ତି: ଅସ୍ଥି କଳସୀ ଧୀରେ ଧୀରେ ମାଟି ଭିତରେ ଘୁଞ୍ଚି ଯାଏ।

ସେମିତି ବାପାଙ୍କ ଅସ୍ଥି କଳସଟା କାକପୋଇ ବୃକ୍ଷ ତଳେ ମାଟି ଖୋଳି ପୋତା ଯାଇଥିଲା। ସେ କଳସୀ ମିଳିବା ଭାରି କଷ୍ଟ ହେଲା । କଳସଟା ମାଟିରେ ମିଶିଯାଇଥିଲା। ବହୁତ ଖୋଜାଖୋଜି ପରେ ଦୁଇ ଖଣ୍ଡି ଅସ୍ଥି ପ୍ରାପ୍ତ ହୋଇଥିଲା। ବାକି ଅସ୍ଥି ମାଟି ମିଶି ମିଳାଇ ଯାଇଥିଲା। ମୋ ପୁଅ ଆଉ ମୋ ସ୍ତ୍ରୀ ପୁରୀ ଯାଇ ବ୍ରାହ୍ମଣ ସହାୟତାରେ ନୀତି କର୍ମ କରି ଅସ୍ଥି ବିସର୍ଜନ କଲେ।

ମୋ ବଡ ଝିଅଟି ଭୂତ ବୋଇଲେ ଖୁବ୍ ଡରେ । ରାତି ହେଲେ ପଦାକୁ ବାହାରିବା କଷ୍ଟ। ଆବଶ୍ୟକ ହେଲେ,ତା ମାକୁ ସାଙ୍ଗରେ ଧରି ଯାଏ। ସେ ମୋ ବାପା ମାଙ୍କ ମୃତ୍ୟୁ ପୂର୍ବରୁ କହିଥିଲା: ତମେ ମଲେ ଆମକୁ ଡରାଇବ ନାହିଁ । ଭୂତ ହୋଇ ଆସିବ ନାହିଁ। ମୋ ବାପା କହିଲେ:- ମୁଁ ମଲେ ଭୂତ ହୋଇ ଆସିବି ନାହିଁ। କି କାହାରିକୁ ଡରାଇବି ନାହିଁ। ସତକୁ ସତ,ମୋ ବାପା ମା ମଲେ ସିନା ଦିନେ ମଧ୍ୟ ଡରାଇ ନାହାଁନ୍ତି। ତାଙ୍କର ଛାୟା ମଧ୍ୟ ଅନୁଭବ ହୋଇ ନାହିଁ। ମୁଁ ପ୍ରେତାତ୍ମା କୁ ଦେଖିବା ପାଇଁ ରାତି ୨ଟା ୩ଟାରେ ମଧ୍ୟ ବହୁ ବାର ଉଠିଛି,ହେଲେ ସେମାନଙ୍କ ଅସ୍ତିତ୍ୱକୁ ଅନୁଭବ କରି ପାରି ନାହିଁ।ଦିନେ ସ୍ୱପ୍ନ ମଧ୍ୟ ଦେଖି ନାହିଁ।

କିନ୍ତୁ ଯୋଉ ବିରାଟ କାକପୋଇ ବୃକ୍ଷ ତଳେ ମୋ ବାପାଙ୍କର ଅସ୍ଥି କଳସ ପୋତା ଯାଇଥିଲା, ସେହି ବୃକ୍ଷଟି ଶୁଖି ଶୁଖି ମରିଗଲା। ଉପର ଡାଳଗୁଡିକୁ କିଏ କେତେବେଳେ କାଟି କୁଟି ନେଇ ଗଲେ। ବଡ ଗଣ୍ଡିଟି ସେମିତି ରହିଗଲା। ରାସ୍ତା ଆଡ଼କୁ ନଇଁ ରହିଲା। ଉଇ ଲାଗି ଗଣ୍ଡିଟି ଦୁର୍ବଳ ହୋଇଗଲା। ମୁଁ ଭାବୁଥିଲି: ଏ ଗଛଟି ଯଦି କାହା ଉପରେ ପଡିବ,ବଡ ଦୁର୍ଘଟଣା ଘଟାଇବ। ଜୀବନ ହାନି ହେବାର ଆଶଙ୍କାକୁ ଏଡ଼ାଇ ହେବ ନାହିଁ। ମୁଁ ସେହି ବାଟେ ସକାଳେ ସନ୍ଧ୍ୟା ରେ ଯାଏ। ଆମ ମଝିଆ ଭାଇର ଛୋଟ ପୁଅ ଦୁଇ ଟା ସେ ରାସ୍ତା ଦେଇ ଖେଳକୁଦ କରିବାକୁ ଯାଆନ୍ତି। ବର୍ତ୍ତମାନ କାଳ ବୈଶାଖୀ ଯୋଗୁଁ ବର୍ଷା ପାବନ ବେଶି । ମୁଁ ଭାବୁଥିଲି:- ଏଇ କେଇ ଦିନ ଭିତରେ ଥୁଣ୍ଟା ଗଛଟି ପୋଡି ଯିବ । କାହା ଉପରେ ପଡ଼ିଲେ, ମରିବା ସୁନିଶ୍ଚିତ। ମୁଁ ଭାବୁଥିଲି ଯେ ,ଏ ବୃକ୍ଷ ଦେହରେ ମୋ ବାପାଙ୍କ ପ୍ରେତାତ୍ମା ଥିବ, ଯଦି ଥିବ ଆମର କାହାରି ଜୀବନ ହାନି ହେବ ନାହିଁ। ବାପା ଆମକୁ ନିଶ୍ଚୟ ସୁରକ୍ଷା ଦେବ। । ଆଶା ଆଶଙ୍କା ଭିତରେ ଗତ ୭ ତାରିଖ ମଇ ରାତି ଗୋଟିଏ ବେଳେ ଥୁଣ୍ଟା ବୃକ୍ଷଟି ଭୀଷଣ ଶବ୍ଦ କରି ରାସ୍ତା ଉପରେ ପଡ଼ି ଗଲା। କାହାରି କିଛି ହୋଇ ନାହିଁ। ବିପଦ ଟଳି ଗଲା। ଆଜି ମଇ ୯ ତାରିଖ ମୋ ମାର ଶ୍ରାଦ୍ଧ। ଶ୍ରାଦ୍ଧ ଅର୍ପଣ କଲା ପରେ ଭାବୁଛି:- ମୋ ବାପା ମା ଅଶରୀର ଆତ୍ମା ହୋଇ ଯୋଉଠି ବି ଥାଆନ୍ତୁ ନା କାହିଁକି,ଆମ ପ୍ରତି ତାଙ୍କ ଆଶୀର୍ବାଦ ଏବେ ମଧ୍ୟ ଅକ୍ଷୁର୍ଣ୍ଣ ରହିଛି। ତାଙ୍କ ପାଦପଦ୍ମରେ କୋଟି କୋଟି ପ୍ରଣାମ।

**ସଭାପତି, ଉତ୍କଳ ସାହିତ୍ୟ ସଂସଦ,**
**ମାଲକାନଗିରି**

# ବାଜେ ବଇଁଶୀ ନାଚେ ଘୁଙ୍ଗୁର

ଆଜି ଯୋଉଠି ଗୋଟେ ବଡ଼ ଦିବ୍ୟାଙ୍ଗ ଶିଶୁ ସଦନ ଠିଆ ହୋଇଛି ସେଇଟା ଗୋଟେ ରାଜପ୍ରସାଦର ରାଣୀମହଲ ଥିଲା । ସେଠି ଦିବ୍ୟାଙ୍ଗ ଓ ଅପରିପକ୍ୱ ମାନସିକବିକାରଗ୍ରସ୍ତ ଶିଶୁମାନଙ୍କ ପାଇଁ କାମ କରନ୍ତି ଡାକ୍ତର ନିବେଦିତା । ଏ ଅନୁଷ୍ଠାନର ପ୍ରତ୍ୟେକ ବ୍ୟକ୍ତି ବିଶେଷ ଏହି ଅନୁଷ୍ଠାନରେ ଥିବା ରାଣୀଙ୍କର ଏକ ବିରାଟ ପୁରୁଣା ବଡ଼ ବନ୍ଧେଇ ଫଟୋ ତଳେ ସବୁଦିନ ଶପଥ କରିଥାନ୍ତି କି ନିଜ ନିଜର କର୍ତ୍ତବ୍ୟ ଓ ଦାଇତ୍ୱ ସୁଚାରୁରୂପେ ନିଷ୍ଠାର ସହିତ ପାଳନ କରିବେ । ଏଥିରେ କେହି ବ୍ୟତିକ୍ରମ ହେବେନାହିଁ । ତା ପରେ ଦିବ୍ୟାଙ୍ଗ ଶିଶୁମାନଙ୍କ ସହିତ ଜରାଶ୍ରୟର ଅନ୍ତେବାସୀ ଓ କର୍ମରତ ସମସ୍ତ ସହକର୍ମୀ ଓ ଶିକ୍ଷାକର୍ମୀଙ୍କ ସହିତ ମିଳିତ ପ୍ରାର୍ଥନା କଲାବେଳେ ଭାଙ୍ଗି ପଡନ୍ତି ଡାକ୍ତର ନିବେଦିତା । ଶିଶୁ ବିଶେଷଜ୍ଞ ହିସାବରେ ସେହି ଡଉଲ ଡାଉଲ ଗୋରା ତକ ତକ ପାଞ୍ଚ ଛଅ ବର୍ଷ ପାଖାପାଖି ପିଲାଟି କୁନୁ ପାଖରେ ତାଙ୍କର ସମସ୍ତ ବିଦ୍ୟା ହାର ମାନିଯାଇଛି । ପିଲାଟି କାହା ସଙ୍ଗେ ମିଶୁନି । ମୁହଁ ଉଠେଇ କାହାକୁ ଚାହୁଁନି ବେଳେ ବେଳେ ରାଗିଯାଇ ଜିନିଷ ପତ୍ର ଫୋପଡ଼ା ଫୋପଡ଼ି କରୁଛି ଓ ଅନେକ ସମୟରେ ନିଜ ସହ ଏଣୁ ତେଣୁ କଥା ହେଉଛି ତ କେବେ କେବେ ନୀରବତା ଗ୍ରାସ କରୁଛି ଛୁଆଟିକୁ । ଗରୀବ ବାପା ମାଆ କେତେ ଆଶା ନେଇ ପୁଅକୁ ଏଠାରେ ଛାଡିଛନ୍ତି, ସେ କଣ ତାକୁ ଠିକ କରିପାରିବେ ନାହିଁ?ତାଙ୍କର ସେଦିନ ପିଲାଦିନ କଥା ମନେପଡ଼ିଲା ।ତାଙ୍କର ପ୍ରାୟେ ଷଷ୍ଠ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ହେବା ପର୍ଯ୍ୟନ୍ତ ତାଙ୍କ ଜେଜେଙ୍କ ସହ ନିବେଦିତାଙ୍କର କଥପୋକଥନର ସାରମର୍ମ ଥାଏ ଆମ ପୈତୃକ ସାତପୁରୁଷି ପୁରୀର ସାହି ଘରଟାକୁ ବିକିଲ କାହିଁକି ଜେଜେ?ତ ଜେଜେ ଉତ୍ତର ଦିଅନ୍ତି ଘରେ କବାଟ ପଟେ ସାପ, ବେଙ୍ଗ, କୁକୁର ଓ ଗାଈ ପଶିଲେ ତ ଚାଳ ଛପର ନହୋଇ ଉପରୁ ତେଲଗୁଣି ପୋକ, କାଚେରା ପୋକ ଖସିଲେ ତ ତୋ ବାପା ଘରଟାର ଦେଖାଶୁଣା କଲାନି ତ ବିକିନଥାନ୍ତି ଆଉ କଣ କରିଥାନ୍ତି!ତ ସେତେବେଳେ ତେଲଗୁଣି ଓ କାଚେରା ପୋକ କଥା ଶୁଣି ନିବେଦିତା କହନ୍ତି ହଁ ହଁ ଭଲକଲ କିନ୍ତୁ ଟିକେ ବଡ଼ ହୋଇ କଲେଜ ଗଲାପରେ ଓ ବିଜ୍ଞାନର ଛାତ୍ରୀ ହେଲାପରେ ନିବେଦିତାଙ୍କର ଜେଜେଙ୍କୁ ସ୍ୱେସିଜ ବୋଲି କହିବାକୁ ଇଛା ହୁଏ । କହିଦିଅନ୍ତି ମଧ୍ୟ ତ ବାପା ବୋଉଙ୍କଠାରୁ କାହିଁକି ଗାଳି ଖାଆନ୍ତି ଜାଣୁ ନଜାଣୁ ବାହାହୋଇ ଶାଶୁ ଘରକୁ ଆସି ସାରିଥାଆନ୍ତି ସିଏ । ଶାଶୁଘରେ ସମସ୍ତଙ୍କ ସହମତିରେ ନିବେଦିତା ଅଧା ଅଧୁରା ପାଠରେ ଯୋଗ ଦେଇ ଡାକ୍ତରୀ ପଢିଲେ ଓ ଡକ୍ଟର ମଧ୍ୟ ବନିଗଲେ ।

ଶାଶୁଙ୍କ ଚାରିପଟେ ତାଙ୍କ ନାତି ନାତୁଣୀ ମାନେ ଘେରିରହିଥାଆନ୍ତି । ଶୁଣୁଥାଆନ୍ତି ତାଙ୍କର ଶଶୁରଙ୍କ ପ୍ରତି ଥିବା ପ୍ରେମ କାହାଣୀ । ସେ କେମିତି ବେଣୀ ଭିତରେ ଖୋସି ତାଙ୍କ ଗାଁରେ ଶିକ୍ଷକ ଥିବା ତାଙ୍କ ଭାବୀ ସ୍ୱାମୀଙ୍କୁ ଖିଲିପାନ ଦିଅନ୍ତି । ସେକଥା ଶୁଣି ସମସ୍ତେ ଖିଲିଖିଲି ହସୁଥିଲା ବେଳେ ମୋ ପୁଅ ଝିଅ ମଧ୍ୟ ହସୁଥାଆନ୍ତି ଖିଲଖିଲ । ପୁଣି ଶାଶୁଙ୍କୁ କେହି ନାତି ନାତୁଣୀ ପଚାରୁଥାଆନ୍ତି ମାଆ ତୋ ବାହାଘରକୁ କଣ ହୋଇଥିଲା ମଟନ ନା ଚିକେନ ନା ମାଛ? ପୁଣି କିଏ କହୁଥାଏ ଚୁଙ୍ଗୁଡ଼ି ଓ କଙ୍କଡା ହୋଇଥିଲା କି ନାହିଁ? ଶାଶୁ କହନ୍ତି କେଜାଣି ମୋର କଣ ଆଉ ମନେ ଅଛି? କିନ୍ତୁ କହୁଥାନ୍ତି ମନେରଖି ଆମ ବେଳେ ଯୋଉ ବାଜା ବାଜେ ତାହାର ଶବ୍ଦ ରାମ୍ପୁ ରାମ୍ପୁ, ରାମ୍ପୁ ରାମ୍ପୁ । ନୂଆ ନୂଆ କଲେଜ ଯାଇ ପ୍ଲସ ଟୁ ରେ ସାଇନ୍ସ ନେଇ ପଢ଼ୁଥିବା ମୋ ପୁଅ କହୁଥାଏ ମୋ ଜେଜେ ମାଆ ଗୋଟେ ସ୍ୱେସିଜ । ଝିଅ କହୁଥାଏ ଭାଇ ସ୍ୱେସିଜ କଣ କହୁଛି ମାଆ ଜେଜେମାଆଙ୍କୁ ? ନିବେଦିତା ପୁଅକୁ ଚିଡଡି କହନ୍ତି ଜେଜେମାଙ୍କୁ କଣ ସେମିତି କୁହନ୍ତି?? ଝିଅ କହୁଥାଏ ହନୁମାନଙ୍କ ପାଟି ସେମିତି ହେଲେ କଣ ହେଲା ସେ ଆମ ପ୍ରଭୁ । ଗଣେଶଙ୍କର ହାତୀ ପରି ଶୁଣ୍ଢ ଥିଲେ ମଧ୍ୟ ସେ ଆମକୁ ବୁଦ୍ଧି ଦେଉଥିବା ପ୍ରଭୁ । ପୁଅ କହୁଥାଏ ଆସିଲା ହନୁମାନ ଓ ଗଣେଷଙ୍କୁ ସ୍ୱେସିଜ କରିଦେବାକୁ! ଝିଅ କହୁଥାଏ ପ୍ରଭୁଙ୍କୁ ସେମିତି କହିବୁନି ।କିଏ କହୁଛି କି କହି ରାଗିଯାଏ ପୁଅ ।ନିବେଦିତା କୁନୁକୁ ମଧ୍ୟ ଏକ ସ୍ୱେସିଜ ଭାବୁ ଭାବୁ ଭିତରେ ଭିତରେ ଭାଙ୍ଗି ପଡନ୍ତି ଓ ନିଜକୁ ନିଜେ କାନମୋଡି ଜାଡା ଖାଉ ଖାଉ କୁନୁର ମୁହଁଟା କହ୍ନେଇ ପରି ଦିଶୁଥାଏ ।

ନିବେଦିତାଙ୍କ ବାପା ଚାଲିଗଲେ । ପଛେ ପଛେ ବୋଉ । ନିବେଦିତାଙ୍କର ବାପା ତାଙ୍କ ବାପା ଓ ବୋଉଙ୍କର ଅର୍ଥାତ ନିବେଦିତାଙ୍କ ଜେଜେ ଓ ଜେଜେମାଆଙ୍କର ମୃତ୍ରୁ ବାର୍ଷିକୀ ବା ଶ୍ରଦ୍ଧାରୁ ତିଥି ଅନୁଯାୟୀ ଶ୍ରାଦ୍ଧ ପଡୁଥିବା ଦିନମାନଙ୍କରେ ସକାଳେ ଉଠି ଖୁବ କାନ୍ଦନ୍ତି ତ ତାଙ୍କ ପୁଅ ଯେବେ ତାଙ୍କ ବାପାଙ୍କୁ ଇଏ ବି କମ ସ୍ୱେସିଜ ନୁହଁନ୍ତି କହିଆସେ ନିବେଦିତା ଗୋଡ଼ାନ୍ତି ବାଡେଇବାକୁ ତ ଦୌଡ଼ି ପଳାଏ ସେ । ଏ ଭିତରେ ବାପା ଚାଲିଗଲେଣି । ସେ ଚାଲିଯିବାର ଦୁଇ ଚାରିବର୍ଷ ପରେ ସେଇ ଦିନ, ବାର ଓ ଏକା ତିଥିରେ ବୋଉ ବି ଚାଲିଗଲା ତ ଏଣିକି ଭାଇଠୁ ଶିଖି ନିବେଦିତାଙ୍କ ଝିଅ କହୁଥିଲା ପରିବାରଯାକ ସ୍ୱେସିଜ ସଦସ୍ୟ ।ତ ଲୁହ ଓ କୋହକୁ ଏକାକାର କରି ଦୁଇ ଆଖିରୁ ଲୁହ ଦୁଇଧାର ଗଡି ଆସେ ନିବେଦିତାଙ୍କ ଆଖିରୁ । ଏବେ ସେହି ଲୁହ ଓ କୋହକୁ ହୃଦୟରେ ଚାପି ରଖି ରାଣୀ ସାହେବାଙ୍କ ଫଟୋ ତଳେ ନିଜକୁ ଖୁବ ଅସହାୟ ମଣୁଥିଲେ ନିବେଦିତା । ସେ କୁନୁକୁ ଭଲ କରିବାରେ ଅସଫଳ ।ହଠାତ ଏହି ଅସଫଳତା, ଅକ୍ଷମତା ଶବ୍ଦ ଗୁଡ଼ିକରୁ ନିବେଦିତାଙ୍କର ଡାକ୍ତରୀ ବିଜ୍ଞାନର ଅଟିଜିମ କଥା ମନେପଡ଼ିଲା । ଅଟିଜିମ ଆକ୍ରାନ୍ତ ଶିଶୁଙ୍କୁ ଅଟିଷ୍ଟିକ କୁହାଯାଏ, ଯେଉଁମାନଙ୍କ ପାଖରେ ବୁଦ୍ଧିଗତ ଅସ୍ୱାଭାବିକତା ଦେଖାଯାଇଥାଏ ଫଳରେ ସେମାନେ କାହା ମୁହଁକୁ ସିଧାସଳଖ ଚାହିଁ କଥାବାର୍ତ୍ତା ହେବାକୁ କୁଣ୍ଠା ପ୍ରକାଶ କରିବା ସହ ସେମାନଙ୍କ ଭାବଭଙ୍ଗୀ, ଚାଲିଚଳନ ସାଧାରଣ ପିଲାଙ୍କ ଅପେକ୍ଷା ଅଲଗା । ପିଲାଟି ମନକୁ ମନ ହସେ, ଖେଳେ ଓ ବେଳେବେଳେ ବିଭିର୍ଣ୍ଣ ସ୍ୱରଭଙ୍ଗୀରେ ଉଚ୍ଚାରଣ କରିଥାଏ, ଯାହା ସବୁ କୁନୁଠାରେ ପାରିଲିକ୍ଷିତ । ଦଉଡି ଗଲେ ନିବେଦିତା ରାଣୀଙ୍କ ପୁରୁଣା ଫଟୋ ପାଖକୁ ଓ ଖୁସିରେ ପ୍ରଣାମ ଜଣେଇ ଖାଇ ପିଇ ଶାନ୍ତିରେ ଶୋଇବାକୁ ଗଲେ ।

ଏବେ ଡକ୍ଟର ନିବେଦିତାଙ୍କ ସେହି ଦୁଇ ଆଖିରେ ଲୁହ ବଦଳରେ ସ୍ୱପ୍ନ ଆସିଥିଲା ଏମିତିକି ଜଗନ୍ନାଥ ଠାକୁରଙ୍କୁ ସ୍ୱେସିଜ ଭାବେ ବର୍ଣ୍ଣନା କରି ଜେ । ଏନ । ୟୁରୁ ଆସିଥିବା ଜୈନିକ ଛାତ୍ର ଯେବେ ତାଙ୍କ ଇଣ୍ଟରଭ୍ୟୁ ନେଇ ପଚାରୁଥିଲେ ଅନେକ ପ୍ରଶ୍ନ । କେତେଟା ପ୍ରଶ୍ନ ଭିତରୁ ତୁମ ଜାତି କଣ?ତୁମେ ବିଶ୍ୱାବସୁଙ୍କ ପାଖରୁ ଆସିଲ କାହିଁକି? ବିଦ୍ୟାପତିଙ୍କୁ ସନ୍ଦେହ ନକରି ଲଳିତା ସହ ବିବାହ ଦେଲାବେଳେ ବିଶ୍ୱାବସୁଙ୍କୁ ରୋକିଲନି କାହିଁକି?ତୁମେ ଦାସିଆ ବାଉରୀଠାରୁ ନଡ଼ିଆ ହାତ ବଢ଼େଇ ନେଲ କେମିତି ? ବନ୍ଧୁ ମହାନ୍ତିଙ୍କୁ ଅନ୍ନଥାଳି ଟେକି ଦେଲ କେମିତି? ଏମିତି ଅନେକ ପ୍ରଶ୍ନ ଭିତରେ ଜଣକୁ ସୁଖ ଜଣକୁ ଦୁଃଖ, ଜଣକୁ ଶାନ୍ତି, ପ୍ରୀତି,ମୈତ୍ରୀ ଦେଲାବେଳେ ଜଣଙ୍କୁ ଦାମ୍ପତ୍ୟ ସୁଖୀ ଜୀବନ ଦେଉନ, ଏ ଅବିଚାର କାହିଁକି କରୁଛ?ତୁମେ କଣ ଆତଙ୍କବାଦୀ ନା ସନ୍ତ୍ରାସବାଦୀ ନହେଲେ କୋଉଠି ଅଧିକା ବର୍ଷା କୋଉଠି ପାଣି ଟୋପେ ମିଳୁନି କାହିଁକି? କୋଉଠି ପୁଣି ଛାଡ଼ପତ୍ର, ପ୍ରତାରଣା ହେଲାବେଳେ କୋଉଠି ସ୍ୱାମୀ ସ୍ତ୍ରୀଙ୍କୁ ଏକା ଦିନ ମାସ ବାର ତଥା ତିଥିରେ ଫେରାଇ ନେଇ କଣ ପ୍ରମାଣ କରିବାକୁ ଚାହୁଁଛ ତୁମେ ?ଶିଶୁମାନଙ୍କ ଭିତରୁ କାହାକୁ ସକ୍ଷମ କାହାକୁ ଅକ୍ଷମ ତ କାହାକୁ ଅଟିଷ୍ଟିକ ଶିଶୁ କରି ତୁମର ଏ ଅସମାନତା କାହିଁକି ସୃଷ୍ଟିରେ?ଏଇ ଶେଷ ପ୍ରଶ୍ନରେ ନିବେଦିତା ଚିହିଁକି ଉଠି କହିବାକୁ ଲାଗିଲେ କାରଣ ସେ ଓଡିଶାର ଆରାଧ୍ୟ,କାରଣ ସେ ପୁରୀ ସରକାର, କୃପାସିନ୍ଧୁ, ଜଗବନ୍ଧୁ,ତ୍ରାଣକର୍ତ୍ତା, ସୃଷ୍ଟିକର୍ତ୍ତା, ସର୍ବଶକ୍ତିମାନ ବିଶ୍ୱନିୟନ୍ତା ।ପୁଣି ପ୍ରାରବ୍ଧ କର୍ମ ଫଳ ଅନୁଯାୟୀ ଯିଏ ଯେମିତି ହୋଇ ଜନ୍ମ ହେଲେ ମଧ୍ୟ ସ୍ୱୟଂ ଜଗନ୍ନାଥ ମହାପ୍ରଭୁ ସେଥିପାଇଁ ଉପଚାର ରଖିଛନ୍ତି ବିଜ୍ଞାନ । ଶକ୍ତି ସାମର୍ଥ୍ୟ ଦେଇଛନ୍ତି ମଣିଷକୁ ଜ୍ଞାନୀ ହେବାକୁ ।ଅନଗ୍ରସର ଶିଶୁକୁ ସୁମଧୁର ବଚନ, ସମୟପୋଯୋଗୀ ବାର୍ତ୍ତାଳାପ ଓ ଶାରୀରିକ ବାୟାମ, ବ୍ୟବହାରିକ ପରିବର୍ତ୍ତନ ପାଇଁ ପ୍ରବର୍ତ୍ତେଇବା ସହ ଖେଳ ମାଧ୍ୟମରେ ହସି ହସାଇବା, ଅଟିଷ୍ଟିକ ଶିଶୁକୁ ସାମାଜିକ ସ୍ତରକୁ ଆଣିବା ପାଇଁ ଶିଶୁର ପସନ୍ଦ ଅପସନ୍ଦ ଉପରେ ଧ୍ୟାନ ଧାରଣା ଦେଇ ସେମାନଙ୍କ ପାଇଁ ସମୟ ବାହାର କରିବା ଜରୁରୀ ବୋଲି ଯେମିତି ଡାକ୍ତିରୀ ଜ୍ଞାନୀଙ୍କ ମତ ସେମିତି ଅନ୍ୟ ସବୁର ସମାଧାନର ସୂତ୍ର ମଧ୍ୟ ବିଜ୍ଞାନରେ ଅଛି । ମୋ ପ୍ରଭୁଙ୍କୁ ଏତେ ସବୁ ପ୍ରଶ୍ନ ପଚାରିବାର ଅଧିକାର ତୁମକୁ କିଏ ଦେଲା?

ନିବେଦିତାଙ୍କର ବଡ଼ପାଟି ଶୁଣି ଧାଇଁ ଆସିଲେ ପୁଅ ବୋହୁ, ଝିଅ ଜୋଇଁ ଓ ଛୋଟ ଛୋଟ ନାତି ନାତୁଣୀ । ନିବେଦିତା ଉଠି ବସି ତାଙ୍କ ସ୍ୱପ୍ନ ବୃତ୍ତାନ୍ତ ବଖାଣୁଥିଲି ତ ପୁଅ କହୁଥିଲା ଶେଷକୁ ତୁ ମଧ୍ୟ ଗୋଟେ ସ୍ୱେସିଜ ହୋଇ ବାହାରିଲୁ ମାଆ!ନିବେଦିତା ରାଗିପାଚି ପୁଅ ମୁହଁକୁ ଚାହିଁଲା ବେଳକୁ ଛୋଟ ନାତି ନାତୁଣୀ ସ୍ୱେସିଜ ସ୍ୱେସିଜ କହି ତାଳି ମାରୁଥିଲେ । ନିବେଦିତା ଆଖି ମଳିମଳି ଉଠିଲେ କହିଲେ ଆଜି ଏ ବର୍ଷର ଅଶୋକାଷ୍ଟମୀ ।ମୋ ପିତା ମାତାଙ୍କ ଶ୍ରାଦ୍ଧ ଦିବସରେ ମତେ ବ୍ରାହ୍ମଣ ଭୋଜନ କରାଇବାକୁ ହେବ ତା ସହିତ କୁନୁକୁ ଭଲ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ହେବ ଯେ!ଶୀଘ୍ର ଶୀଘ୍ର ଆଶ୍ରମରେ ପହଞ୍ଚି ରାଣୀସାହେବାଙ୍କ ବିରାଟ ପୁରୁଣା ତୈଳଚିତ୍ରର ଫୋଟୋ ପାଖେ ଠିଆ ହୋଇ ନିବେଦିତା ଆଜି ଶପଥ ନେଉଥିଲେ ଡାକ୍ତରୀ ବିଜ୍ଞାନର ମନସ୍ତତ୍ୱ ବିଭାଗ ବି କିଛି କମ ନୁହେଁ ବୋଲି ଦେଖାଇଦେବାକୁ ହେବ ତାଙ୍କୁ । ସେ ଦେଖିଲେ ହସି ହସି କୁନୁ ତାଙ୍କ ଆଡକୁ ଆସୁଛି ତାକୁ କୋଳକୁ ନେଇ କହିଲେ ତୁ ଆମ କହ୍ନେଇ ଧନ । କୁନୁ କହୁଥିଲା ମତେ ଗୋଟେ ବଇଁଶୀ ଦିଅ ଡକ୍ଟର ଆଣ୍ଟି ମୁଁ କହ୍ନେଇ ହେବି । ତୁ ଖାଲି ବଇଁଶୀ ଧରି କହ୍ନେଇ ହେବୁନି ଧନ ତୁ ଏ ଆଶ୍ରମର ମାନ ସମ୍ମାନ ରଖିବୁ । ହେଲେ କୁନୁର ଏଭଳି ପରିବର୍ତ୍ତନରେ ପ୍ରଭୁ ଛଳିଆ ଠାକୁର କାଳିଆଙ୍କର କିଛି ହାତ ଅଛି ନିଶ୍ଚୟ । କୁନୁକୁ ଚାହିଁଦେଇ ନିବେଦିତା ତା ଭିତରେ ସତେ ଯେମିତି ଦେଖୁଥିଲେ ବିଶ୍ୱ ବ୍ରହ୍ମାଣ୍ଡର ତ୍ରାଣକର୍ତ୍ତା ଚତୁର୍ଦ୍ଧାଙ୍କୁ । କୁନୁକୁ କୋଳରେ ଧରି ନିବେଦିତା ରାଣୀଙ୍କ ଫଟୋ ତଳେ ମୁଣ୍ଡିଆ ମାରୁଥିଲେ ।

**ସୁନନ୍ଦା ମହାନ୍ତି**
**ସାକ୍ଷୀଗୋପାଳ, ପୁରୀ**

## କୋରାପୁଟରେ ଏମ.ଏସ୍. ସ୍ୱାମିନାଥନ୍ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ
# ଉନ୍ନତ ମାନର ଗୋବର ଖତ ପ୍ରସ୍ତୁତି ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଜୟପୁର, ୨୯।୫ (ଆନିସ):ଦେଶରେ ରାସାୟନିକ ସାରର ଉପଲବ୍ଧତା ଓ ଯୋଗାଣ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରାକୃତିକ ଚାଷ ପ୍ରଚାର ପାଇଁ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଅନୁସାରେ, ଏମ.ଏସ୍. ସ୍ୱାମିନାଥନ୍ ଗବେଷଣା ପ୍ରତିଷ୍ଠାନ, ଜୟପୁର ପକ୍ଷରୁ ଉନ୍ନତ ମାନର ଗୋବର ଖତ ପ୍ରସ୍ତୁତି ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଅଛି। ସାରର ଅଭାବ, ଅତ୍ୟଧିକ କୃଷି ଖର୍ଚ୍ଚ ଏବଂ ବାହ୍ୟ ରାସାୟନିକ ଉପାଦାନ ଉପରେ ନିର୍ଭରଶୀଳତା ବଢ଼ୁଥିବା ପରିପ୍ରେକ୍ଷିରେ, ଏମ.ଏସ୍. ସ୍ୱାମିନାଥନ୍ ଗବେଷଣା ପ୍ରତିଷ୍ଠାନ ତାହାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ପ୍ରାକୃତିକ ଚାଷ ପଦ୍ଧତିକୁ ସମ୍ମିଳିତ କରୁଛି। ସ୍ଥାନୀୟ ସମ୍ପଦ ଆଧାରିତ କୃଷି, ଜୈବିକ ସାର ଏବଂ ପାରମ୍ପରିକ ଜ୍ଞାନର ବ୍ୟବହାର ମାଧ୍ୟମରେ ମାଟିର ସ୍ୱାସ୍ଥ୍ୟ ଉନ୍ନତି, ଚାଷ ଖର୍ଚ୍ଚ ହ୍ରାସ ଏବଂ ଦୀର୍ଘମିଆଦୀ କୃଷି ସ୍ଥିରତା ସୁନିଶ୍ଚିତ ହୋଇପାରିବ ବୋଲି ସଂସ୍ଥା ବିଶ୍ୱାସ କରେ।ଏହି ପରିପ୍ରେକ୍ଷିତରେ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅଧୀନରେ ଓଡ଼ିଶା ସରକାରଙ୍କ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ସହଯୋଗରେ ଚାଲୁଥିବା ''ସ୍ୱାଇସ୍ ପ୍ରକଳ୍ପ'' ଅନ୍ତର୍ଗତ ''ଉନ୍ନତ ମାନର ଗୋବର ଖତ ପ୍ରସ୍ତୁତି ଓ ପ୍ରୟୋଗ'' ବିଷୟରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୨୯ ମଇ ୨୦୨୬ ତାରିଖରେ କୋରାପୁଟ ଜିଲ୍ଲା ଜୟପୁର



ଏମ.ଏସ୍. ସ୍ୱାମିନାଥନ୍ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଏହାର ସମ୍ମିଳନୀ କକ୍ଷ, ଜୟପୁର ରେ ଆୟୋଜିତ ହୋଇଥିଲା। କୋରାପୁଟ ବ୍ଲକର ବିଭିନ୍ନ ଗ୍ରାମରୁ ୫୦ରୁ ଅଧିକ ଚାଷୀ ଉତ୍ସାହର ସହିତ ଏହି ପ୍ରଶିକ୍ଷଣରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଏମ.ଏସ୍. ସ୍ୱାମିନାଥନ୍ ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକ ଡ଼ଃ କାର୍ତ୍ତିକ ଚରଣ ଲେଙ୍କା ଅଂଶଗ୍ରହଣକାରୀଙ୍କ ସହ ଆଲୋଚନା କରି ପ୍ରାକୃତିକ ଚାଷର ଗୁରୁତ୍ୱ, ମାଟିର ଉର୍ବରତା ପରିଚାଳନା ଏବଂ ଗୋବର ଖତର ଭୂମିକା ସମ୍ପର୍କରେ ବିସ୍ତାରିତ ଭାବେ ଅବଗତ କରାଇଥିଲେ। ସେ କହିଥିଲେ ଯେ, ଗୋବର ଖତ ମାଟିର ଜୈବିକ ଉପାଦାନ, ସୂକ୍ଷ୍ମଜୀବ କ୍ରିୟାକଳାପ ଓ ଫସଲ ଉତ୍ପାଦନକୁ ବୃଦ୍ଧି କରିଥାଏ। ସାର ଅଭାବ ସମୟରେ ଏହା ଏକ କାର୍ଯ୍ୟକାରୀ ବିକଳ୍ପ ଭାବେ କାମ କରିପାରିବ ଏବଂ ଜଳବାୟୁ ସହନଶୀଳ କୃଷିକୁ ପ୍ରୋତ୍ସାହନ ଦେବ ବୋଲି ସେ ମତ ପ୍ରକାଶ କରିଥିଲେ। ସେ ମଧ କହିଥିଲେ ଆଗକୁ ଏମ.ଏସ୍. ସ୍ୱାମିନାଥନ୍ ଗବେଷଣା ପ୍ରତିଷ୍ଠାନ ପ୍ରାକୃତିକ କୃଷି ଓ ଉନ୍ନତ ମାନର ଗୋବର ଖତ ପ୍ରସ୍ତୁତି ଓ ପ୍ରୟୋଗ ଉପରେ ଗ୍ରାମ୍ୟ ସ୍ତରରେ ଚାଷୀମାନଙ୍କୁ ସଚେତନ କରିବ।ପ୍ରଶିକ୍ଷଣର ପ୍ରାୟୋଗିକ ଅଧିବେଶନକୁ ଅବସରପ୍ରାପ୍ତ ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ଏସ୍.ଭି. ରମଣା ପ୍ରଶିକ୍ଷକ ଭାବେ ଯୋଗ ଦେଇ ଅଂଶଗ୍ରହଣକାରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ସେ ଉନ୍ନତ ମାନର ଗୋବର ଖତ ପ୍ରସ୍ତୁତି ପ୍ରଣାଳୀ, ପୋଷକ ସମୃଦ୍ଧିକରଣ ପ୍ରକ୍ରିୟା, ଆବଶ୍ୟକ ମାତ୍ରା ଓ କୃଷି କ୍ଷେତ୍ରରେ ପ୍ରୟୋଗ ପ୍ରଣାଳୀ ଉପରେ ପ୍ରାୟୋଗିକ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ଭାବେ ଉପଲବ୍ଧ କୃଷି ସମ୍ପଦକୁ ବ୍ୟବହାର କରି ସ୍ଥାୟୀ ପୋଷକ ପରିଚାଳନା କରିବାର ଗୁରୁତ୍ୱ ସମ୍ପର୍କରେ ମଧ ଚାଷୀମାନଙ୍କୁ ସଚେତନ କରାଯାଇଥିଲା।ମତାମତ ଅଧିବେଶନରେ ଅଂଶଗ୍ରହଣକାରୀ ଚାଷୀମାନେ କହିଥିଲେ ଯେ, ଏହି ପ୍ରଶିକ୍ଷଣ ତାଙ୍କୁ ଉପଯୋଗୀ ପ୍ରାୟୋଗିକ ଜ୍ଞାନ, ନୂତନ ଶିକ୍ଷା ଏବଂ ପ୍ରାକୃତିକ ଚାଷ ଗ୍ରହଣ କରିବା ପାଇଁ ନୂତନ ଆତ୍ମବିଶ୍ୱାସ ପ୍ରଦାନ କରିଛି। ପ୍ରଶିକ୍ଷଣ ସମୟରେ ହୋଇଥିବା ପ୍ରାୟୋଗିକ ପ୍ରଦର୍ଶନ ଓ ଆଲୋଚନାକୁ ସେମାନେ ବିଶେଷ ଭାବରେ ପ୍ରଶଂସା କରିଥିଲେ। ଶେଷରେ ଚାଷୀ ମାନଙ୍କୁ ଗୋଟିଏ ଗୋଟିଏ କନସୋର୍ଟିଆ ଅନୁଷ୍ଠାନ ତରଫରୁ ଦିଆଯାଇଥିଲା ଯାହାକୁ ବ୍ୟବହାର କରିକି ଚାଷୀମାନେ ଉନ୍ନତମାନର ଖତ ପ୍ରସ୍ତୁତ କରିପାରିବେ।କାର୍ଯ୍ୟକ୍ରମର ଶେଷରେ ଏମ.ଏସ୍. ସ୍ୱାମିନାଥନ୍ ଗବେଷଣା ପ୍ରତିଷ୍ଠାନର ଦୀପ୍ତି ସାହୁ ପ୍ରଶିକ୍ଷଣର ମୁଖ୍ୟ ବିଷୟବସ୍ତୁ ଉପରେ ସାରାଂଶ ପ୍ରଦାନ କରିଥିଲେ ଏବଂ ସମସ୍ତ ଅଂଶଗ୍ରହଣକାରୀ, ପ୍ରଶିକ୍ଷକ ଓ ସହଯୋଗୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଅଞ୍ଚଳରେ ସ୍ଥାୟୀ କୃଷି ଓ ପ୍ରାକୃତିକ ଚାଷ ପ୍ରଚାର ପାଇଁ ସାମୁହିକ ସଙ୍କଳ୍ପ ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା।

## ଉତ୍କଳ ଆଲୁମିନା ଖଣି ସିଏସଆର ପକ୍ଷରୁ ପ୍ରକଳ୍ପ ''ଗ୍ରାମ୍ୟ ଶକ୍ତି'' ଶୁଭାରମ୍ଭ
# ଓଷାପଡ଼ାରେ ''ମାଣ୍ଡିଆ ରାଣୀ'' ଆଉଟଲେଟ୍ ଉଦଘାଟିତ

ରାୟଗଡ, ୨୯।୫ (ଆନିସ)ରାୟଗଡ଼ା ଜିଲ୍ଲା ଟିକିରୀ ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ଏହାର ଖଣି ସିଏସଆର ଅନ୍ତର୍ଗତ ପ୍ରମୁଖ ଗ୍ରାମୀଣ ଉନ୍ନୟନ ପଦକ୍ଷେପ ସ୍ୱରୂପ ''ପ୍ରକଳ୍ପ ଗ୍ରାମ୍ୟ ଶକ୍ତି''ର ଶୁଭାରମ୍ଭ ହୋଇଯାଇଅଛି। ଏଥିସହିତ ସ୍ଥାନୀୟ ଓଷାପଡ଼ା ଠାରେ ଏହି ପ୍ରକଳ୍ପ ଅନ୍ତର୍ଗତ ବିଭିନ୍ନ ହାତ ତିଆରି ସାମଗ୍ରୀ ବିକ୍ରୟ ନିମନ୍ତେ ''ମାଣ୍ଡିଆ ରାଣୀ'' କେନ୍ଦ୍ରର ଆନୁଷ୍ଠାନିକ ଉଦଘାଟନ ହୋଇଯାଇଅଛି।



ଏହି କାର୍ଯ୍ୟକ୍ରମରେ ଉତ୍କଳ ଆଲୁମିନା ୟୁନିଟ୍ ମୁଖ୍ୟ ଶ୍ରୀ ରବି ନାରାୟଣ ମିଶ୍ର, ଖଣି ମୁଖ୍ୟ ଶ୍ରୀ ବିଜୟ ଚୌହାନ, ସିଏସଆର ମୁଖ୍ୟ ଶ୍ରୀମତୀ ଲୋପାମୁଦ୍ରା ମିଶ୍ରଙ୍କ ସମେତ ସରକାରୀ ପ୍ରତିନିଧି ଜ୍ୟୋତିମୟ ଦାଶ ଜିଡିପିଓ, ପବିତ୍ର ନାୟକ ଏବିଇଓ ଏବଂ ସିଏସଆର ବିଭାଗ ମୁଖ୍ୟ (ଖଣି) ଶ୍ରୀ ମନୋଜ ଦାଶ ଓ ଟିମଙ୍କ ସମେତ ପ୍ରଶାସନିକ କର୍ମଚାରୀ ଓ ସଞ୍ଜିବ ପଟ୍ଟନାୟକ ଆସା (ଆଶା) ମଧ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ପଦକ୍ଷେପଟି ଉତ୍କଳ ଆଲୁମିନା ସିଏସଆର ଓ ଟିଟିଲାଗଡ଼ ଭିତ୍ତିକ ଏନଜିଓ 'ଆଶା'ର ସହଯୋଗରେ କାର୍ଯ୍ୟକାରୀ କରାଯାଉଅଛି।

ଏହି ପଦକ୍ଷେପ ଦ୍ୱାରା ଉତ୍କଳ ଆଲୁମିନା ଖଣି ପରିସର ଗ୍ରାମାଞ୍ଚଳର ମହିଳା ଉତ୍ପାଦକମାନଙ୍କୁ ସ୍ଥାୟୀ ଜୀବିକା ସୁଯୋଗ ପ୍ରଦାନ କରି ସେମାନଙ୍କୁ ଆତ୍ମନିର୍ଭରଶୀଳ ତଥା ସ୍ୱାବଲମ୍ବନ କରିବା ନିମନ୍ତେ ଗ୍ରାମୀଣ ଉନ୍ନତିକୁ ନୂତନ ଦିଗ ଦେଇଛି। ଏହା ଉତ୍କଳ ଆଲୁମିନାର ଗୋଷ୍ଠୀ କେନ୍ଦ୍ରିକ ବିକାଶ ଓ କର୍ପୋରେଟ୍ ସାମାଜିକ ଦାୟିତ୍ୱ ପ୍ରତି ଥିବା ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବା ସହିତ ପାର୍ଶ୍ୱସ୍ଥ ଓ ପ୍ରଭାବିତ ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ସହଯୋଗକୁ ଆହୁରି ସୁଦୃଢ଼ କରିଛି।

ଏହି ଅବସରରେ ଆସାର ପ୍ରଦୀପ୍ତ ମଲ୍ଲିକ ''ଗ୍ରାମ୍ୟ ଶକ୍ତି'' ପ୍ରକଳ୍ପର ଗୁରୁତ୍ୱ ବିଷୟରେ ମତ ପ୍ରକାଶ କରି ବାଫଲିମାଳି ବକ୍ସାଇଟ୍ ଖଣି ପରିସରର ଗ୍ରାମୀଣ ସମୁଦାୟଙ୍କ ଉନ୍ନତିରେ ଏହାର ଭୂମିକାକୁ ଉଲ୍ଲେଖ କରିଥିଲେ। ପ୍ରକଳ୍ପ ସହ ଜଡିତ ମହିଳାମାନେ ମଧ ନିଜ ଅନୁଭୂତି ବ୍ୟକ୍ତ କରି, ଏହି ପଦକ୍ଷେପ କିପରି ସେମାନଙ୍କୁ ଆର୍ଥିକ ସ୍ୱାଧୀନତା ଓ ସମ୍ମାନର ସହିତ ଜୀବନ ଯାପନରେ ସାହାଯ୍ୟ କରିଛି, ତାହା ଉପସ୍ଥାପନ କରିଥିଲେ।

ଏହି ନୂତନ ଭାବେ ଉଦଘାଟିତ ''ମାଣ୍ଡିଆ ରାଣୀ'' ଆଉଟଲେଟ୍ ଗ୍ରାମ୍ୟ ଶକ୍ତିର ପାଞ୍ଚଟି କେନ୍ଦ୍ରରୁ ସଂଗୃହୀତ ଓ ମହିଳା ଉଦ୍ୟୋଗୀମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ, ଫେନାଇଲ୍, ଆପ୍ଲିକ୍ ସାମଗ୍ରୀ, ଜୁଟ୍ ବ୍ୟାଗ୍, କାଗଜ ପ୍ଲେଟ୍, ଅଗରବତୀ, ଲେମନଗ୍ରାସ୍ ଉତ୍ପାଦ ସହ ଅନ୍ୟାନ୍ୟ ସାମଗ୍ରୀର ବିକ୍ରୟ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏହି ପଦକ୍ଷେପ ଗ୍ରାମୀଣ ମହିଳାମାନଙ୍କୁ ସ୍ୱାବଲମ୍ବୀ ଜୀବନ ଯାପନ ଓ ଜୀବିକାମୂଳକ ପ୍ରକଳ୍ପ ମାଧ୍ୟମରେ ସମୁଦାୟ ସଶକ୍ତିକରଣ ପ୍ରତି ଉତ୍କଳ ଆଲୁମିନାର ପ୍ରୟାସ ସ୍ଥାନୀୟ ଅଞ୍ଚଳରେ ଭୂୟସୀ ପ୍ରଶଂସା ସାଉଁଟିଛି।

# ବଜ୍ରପାତରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର ଆହତ

କାଲିମେଲା,୨୯।୫(ଆନିସ): ଗୁରୁବାର ଦିନ କାଲିମେଲା ବ୍ଲକରେ କାଳ ବୌଶାଖୀ ବର୍ଷା ସହ ଘଡ଼ ଘଡ଼ି ହୋଇଥିବା ବେଳେ ବଜ୍ରପାତ ଜନିତ ଦୁର୍ଘଟଣା ସାମ୍ନାକୁ ଆସିଛି । ବଜ୍ରପାତର ଶିକାର ହୋଇ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ଆହତ ହୋଇଛନ୍ତି । ଏଭଳି ଏକ ଘଟଣା ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ମହାରାଜପଲ୍ଲୀ ଅଞ୍ଚଳରେ ଦେଖିବାକୁ ମିଳିଛି । ମିଳିଥିବା ସୂଚନା ମୁତାବକ, ମହାରାଜପଲ୍ଲୀ ଗ୍ରାମର ଭୀମା ମାଡକାମୀ (୪୦) ଏବଂ ତାଙ୍କ ପତ୍ନୀ ଏଙ୍କୀ ମାଡକାମୀ (୩୫) ଗୁରୁବାର ଅପରାହ୍ଣରେ ବର୍ଷା ସହ ଘଡ଼ଘଡ଼ି ହେଉଥିବାରୁ ଗା ନିକଟରେ ବାଦାମ କ୍ଷେତରେ



ଥିବା ଏକ କୁଡ଼ିଆରେ ରହିଯାଇଥିଲେ । ହଠାତ କାଳବୈଶାଖୀ ଜନିତ ଝଡ଼ବର୍ଷା ସହ ପ୍ରବଳ ବଜ୍ରପାତ ହୋଇଥିଲା । ଏହି ସମୟରେ ବଜ୍ରପାତର ସିଧାସଳଖ ପ୍ରଭାବ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ଉପରେ ପଡ଼ିଥିଲା । ବଜ୍ରପାତ ଫଳରେ ଘଟଣାସ୍ଥଳରେ ହିଁ ସ୍ତ୍ରୀ ଏଙ୍କୀ ମାଡକାମୀଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା । ଅପରପକ୍ଷରେ ସ୍ୱାମୀ ଭୀମା ମାଡକାମୀ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ନିକଟସ୍ଥ ଏମ୍? ଭି -୭୯ ମେଡିକାଲରେ ଭର୍ତ୍ତି କରିଥିଲେ । ତାଙ୍କ ଅବସ୍ଥା ଏବେ ସ୍ଥିର ଥିବା ଜଣାପଡ଼ିଛି । ଏହି ସୂଚନା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସରକାରୀ ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଔଷଧରେ ପୋକ

ରାୟଗଡ଼ା,୨୯।୫ (ଆନିସ) ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୋକ ପ୍ୟାକିଂ ଔଷଧ ପ୍ରଦାନ ଅଭିଯୋଗ ହୋଇଛି। ରୋଗୀଙ୍କ ରୋଗ ଭଲ ହେବା ପାଇଁ ଔଷଧରେ ରୋଗ ବଣ୍ଟନ ଚାଲିଥିବା କହିଛନ୍ତି ରୋଗୀଙ୍କ ସମ୍ପର୍କୀୟ। ଏହାକୁ ନେଇ ଆଜି ଚିକିତ୍ସାଳୟରେ ଅସନ୍ତୋଷ ଦେଖାଦେଇଛି। ଘଟଣାରୁ ପ୍ରକାଶ ଯେ, ପଦ୍ମଲୋଚନ ଦାସ (୩୧) ଗତକାଲି ମୁଣ୍ଡ ବୁଲାଇବା ନେଇ ନିଜ ସ୍ୱାସ୍ଥ୍ୟ ଦେଖାଇ ଚିକିତ୍ସା ପାଇଁ ମାଗଣା ଔଷଧ ନେଇଥିଲେ। ଘରକୁ



ଯାଇ ଔଷଧ ବାହାର କରିବା ପରେ ସେଥିରେ ଟ୍ୟାବଲେଟ ସହିତ ପୋକ ପ୍ୟାକିଂ ହୋଇଥିଲା। ଏହା ଦେଖିବା ପରେ ସେ ଆଉ ଔଷଧ ସେବନ ନକରି ଏକ ଘରୋଇ କ୍ଲିନିକ ଯାଇ ପୁଣି ଔଷଧ ମେଡିକାଲ ଷ୍ଟୋରରୁ କିଣି ନେଇଥିଲେ। ଆଜି ସକାଳୁ ଚିକିତ୍ସାଳୟରେ ପହଞ୍ଚି ଏହି ପୋକ ପ୍ୟାକିଂ ଔଷଧ ଦେଖାଇ ଜବାବ ଚାହିଁଥିଲେ। ହେଲେ ଚିକିତ୍ସାଳୟ ଔଷଧ ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ହାତ ଟେକି ଦେଇଥିଲେ। ଔଷଧ ବାହାରୁ ଆସୁଛି ଓ ଆମେ ବିତରଣ କରୁଛୁ ବୋଲି ପ୍ରକାଶ କରିଥିଲେ। ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ଅନ୍ୟ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ। କେଉଁଭଳି ଭାବରେ ଏହି ଔଷଧ ବଣ୍ଟନ କରିଥିଲେ ତାହାର ଜବାବ ଚାହିଁଥିଲେ। ହେଲେ କେହି ମଧ ସନ୍ତୋଷଜନକ ଉତ୍ତର ଦେଇନଥିଲେ। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ତରଫରୁ ପ୍ରତିକ୍ରିୟା ମିଳିପାରିନାହିଁ।

# ସ୍ୱତନ୍ତ୍ର ସଘନ ସଂଶୋଧନକୁ ନେଇ କୋରାପୁଟ ଜିଲ୍ଲାପାଳ ଙ୍କ ସାମ୍ବାଦିକ ସମ୍ମିଳନୀ

ଜୟପୁର, ୨୯।୫ (ଆନିସ): ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ କାର୍ଯ୍ୟ କରିବା ପାଇଁ କୋରାପୁଟ ଜିଲ୍ଲାପାଳଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭୋଟର ତାଲିକାରେ ଯୋଗ୍ୟ ମତଦାତାଙ୍କ ନାମ ସଠିକ ଭାବେ ସମ୍ମିଳିତ କରିବା ସହ ମୃତ, ସ୍ଥାନାନ୍ତରିତ ଓ ଡୁପ୍ଲିକେଟ ଭୋଟରଙ୍କ ନାମ ବାଦ ଦେବା ପାଇଁ ଏହି ସଘନ ସଂଶୋଧନ କାର୍ଯ୍ୟକ୍ରମ ହେଉଛି ବୋଲି ଜିଲ୍ଲାପାଳ ମନୋଜ ସତ୍ୟଓ୍ୱାନ ମହାଜନ କହିଥିଲେ। ଏହି ପ୍ରକ୍ରିୟାରେ ବିଏଲଓ, ସୁପରଭାଇଜର ଓ ନିର୍ବାଚନ ବିଭାଗର କର୍ମଚାରୀମାନେ ଘରେ ଘରେ ପହଞ୍ଚି ତଥ୍ୟ ସଂଗ୍ରହ କରିବେ। ନୂତନ ଭୋଟର ଭାବେ ନାମ ଯୋଡିବା, ନାମ ସଂଶୋଧନ କରିବା ଓ ଠିକଣା ପରିବର୍ତ୍ତନ ପାଇଁ ଲୋକମାନେ ନିଜ ନିକଟସ୍ଥ ବିଏଲଓଙ୍କ ସହ ଯୋଗାଯୋଗ



କରିପାରିବେ ବୋଲି ସେ କହିଥିଲେ।

ଜିଲ୍ଲାପାଳ ସମସ୍ତ ରାଜନୈତିକ ଦଳ, ସାମାଜିକ ସଂଗଠନ ଓ ସାଧାରଣ ଜନତାଙ୍କୁ ଏହି ସଂଶୋଧନ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଯେପରିକି ଜିଲ୍ଲାର କୌଣସି ଯୋଗ୍ୟ ମତଦାତା ଭୋଟର ତାଲିକାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସଚେତନତା ବୃଦ୍ଧି ଉପରେ ମଧ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଏବଂ ୧୧୬୫ ଟି ବୁଥ ରହିଛି। ପ୍ରତ୍ୟେକ ବୁଥ ପାଇଁ ଜଣେ ବୁଥ ସ୍ତରୀୟ ଅଧିକାରୀ ନିଯୁକ୍ତି ରହିବେ। ବୁଥ ସ୍ତରୀୟ ଅଢିଜାରୀ ମାନଙ୍କ ସହଯୋଗ କରିବା ପାଇଁ ସମଗ୍ର ଜିଲ୍ଲାରେ ୧୯୯୧ ଜଣ ବୁଥ ସ୍ତରୀୟ ପ୍ରତିନିଧି ନିଯୁକ୍ତି କରାଯାଇଛି।

ବର୍ତ୍ତମାନ ଭୋଟର ତାଲିକା ଅନୁସାରେ ପୁରୁଷ ଭୋଟର ୪୮.୨୮%, ମହିଳା ଭୋଟର ୫୧.୭୦%, ତୃତୀୟ ଲିଙ୍ଗ ଭୋଟର ୮୨ ଜଣ ମୋଟ ଭୋଟର ୯,୬୬,୪୨୪ ରହିଛି। ଏଥି ପାଇଁ ଜିଲ୍ଲା ସ୍ତରୀୟ ୧୯୫୦ ଟୋଲ ଫ୍ରି ନମ୍ବର ଜାରି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀ ରେ ଅତିରିକ୍ତ ଜିଲ୍ଲାପାଳ ନରେଶ କୁମାର ଶବର ଙ୍କ ସମେତ ଅନ୍ୟାନ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## କାଲିମେଲା ବ୍ଲକର ବିଭିନ୍ନ ସ୍ଥାନରେ
# କାଳବୈଶାଖୀର ତାଣ୍ଡବ

କାଲିମେଳା,୨୯।୫(ଆନିସ): ଗୁରୁବାର ଅପରାହ୍ଣରେ ଆସିଥିବା ହଠାତ୍? କାଳବୈଶାଖୀ ଝଡ଼-ତୋଫାନ ଯୋଗୁଁ କାଲିମେଳା ବ୍ଲକର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ପ୍ରବଳ ପବନ ସହ ବର୍ଷା ଯୋଗୁଁ ସ୍ଥାନୀୟ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ଣରେ ମାଡ଼ିଆସିଥିବା ଏହି କାଳବୈଶାଖୀର ବେଗ ଏତେ ଅଧିକ ଥିଲା ଯେ ଏହା କିଛି ମିନିଟ୍? ମଧ୍ୟରେ ଅଞ୍ଚଳରେ ତାଣ୍ଡବ ରଚନା କରିଥିଲା । ପ୍ରବଳ ପବନ ଯୋଗୁଁ କାଲିମେଳା, ଏମପିଭି -୬୩ , ମାରନପଲ୍ଲୀ ଏବଂ ଏମଭି -୭୯ ର ଅନେକ ଗରିବ ପରିବାରଙ୍କ ଆସବେଷ୍ଟସ ଏବଂ ଚାଳ ଛପର ଘରର ଛାତ ସମ୍ପୂର୍ଣ୍ଣ ଉଡ଼ିଯାଇଛି । ଫଳରେ ଲୋକେ ଖୋଲା ଆକାଶ ତଳେ



ଆଶ୍ରୟ ନେବାକୁ ବାଧ ହୋଇଛନ୍ତି । ବିଶେଷ କରି ଏମପିଭି -୬୩ ଗ୍ରାମର ପ୍ରଳୟ ଶାନା,ମାରନପଲ୍ଲୀ ଗ୍ରାମର ଦେବା ମାଡକାମୀ ଓ ଭୀମା ମାଡକାମୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି । ବିପନ୍ନମାନଙ୍କୁ ସରକାରୀ ସାହାଯ୍ୟ ଏବଂ ପଲିଥିନ ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଗାଡିଆଝୋଲାରେ ଉତ୍କଟ ଜଳକଷ୍ଟ

- ଅଚଳ ନଳକୂପ, ଗାଁକୁ ପହଞ୍ଚୁନି ବସୁଧା ପାଣି
- ଦୂଷିତ ପାଣି ପିଇ ରୋଗାକ୍ରାନ୍ତ ଲୋକେ

ମୁନିଗୁଡା,୨୯।୫(ଆନିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଇଚ୍ଛାପୁର ପଞ୍ଚାୟତର ଗାଡିଆଝୋଲା ଗ୍ରାମରେ ଦେଖାଦେଇଛି ଭୟାବହ ପାନୀୟ ଜଳ ସମସ୍ୟା। ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଜଳ ଅଭାବ ଗ୍ରାମବାସୀଙ୍କ ଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଗ୍ରାମରେ ଥିବା ଏକମାତ୍ର ନଳକୂପ ଅଚଳ ହୋଇପଡ଼ିଥିବା ବେଳେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ବସୁଧା ଯୋଜନାର ପାଣି ମଧ ଗାଁକୁ ପହଞ୍ଚି ପାରୁନଥିବା ଅଭିଯୋଗ ହୋଇଛି। ଗାଡିଆଝୋଲା ଗ୍ରାମର କନ୍ଧ ଗାଡିଆଝୋଲା, ଗୌଡ ଗାଡିଆଝୋଲା ଓ ଦଳିତ ଗାଡିଆଝୋଲା ସାହିରେ ପ୍ରାୟ ୧୦୦ ଲୋକ ବସବାସ କରୁଛନ୍ତି। ହେଲେ ପାନୀୟ ଜଳର ସ୍ଥାୟୀ ସୁବିଧା ନଥିବାରୁ ପ୍ରତିଦିନ ଜଳ ପାଇଁ ଲୋକଙ୍କୁ ନାହିଁନଥିବା





ହଇରାଣ ହେବାକୁ ପଡୁଛି। ଗାଁରେ ଥିବା ଗୋଟିଏ ନଳକୂପ ଉପରେ ଲୋକେ ଭରସା କରିଆସୁଥିବା ବେଳେ ବର୍ତ୍ତମାନ ସେହି ନଳକୂପ ଅଚଳ ହୋଇପଡ଼ିଛି। ଫଳରେ ଗ୍ରାମବାସୀ ବାଧ ହୋଇ ଚୁଆ ଓ ଅନ୍ୟ ଅସୁରକ୍ଷିତ ଉତ୍ସରୁ ପାଣି ସଂଗ୍ରହ କରୁଛନ୍ତି। ଅନ୍ୟପଟେ ସରକାରଙ୍କ ବସୁଧା ଯୋଜନା ଗ୍ରାମ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହେବା ବଦଳରେ କେବଳ ନାମକୁ ମାତ୍ର ସୀମିତ ରହିଥିବା ଅଭିଯୋଗ କରିଛନ୍ତି ଲୋକେ। କୋଟି କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପ ନିର୍ମାଣ ହୋଇଥିଲେ ମଧ ଗାଁକୁ ପାଣି ପହଞ୍ଚୁନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଦୂଷିତ ପାଣି ବ୍ୟବହାର କରିବା ଫଳରେ ବିଭିନ୍ନ ସମୟରେ ଗ୍ରାମରେ ଝାଡା, ବାନ୍ତି ଭଳି ରୋଗ ବ୍ୟାପୁଥିବା ମଧ ଅଭିଯୋଗ ହୋଇଛି। ପ୍ରତିବର୍ଷ ଖରାଦିନ ଆସିଲେ ଏଭଳି ଜଳକଷ୍ଟରେ ଦହଗଞ୍ଜ ହେଉଥିବା ଗ୍ରାମବାସୀ ତୁରନ୍ତ ନୂତନ ନଳକୂପ ଖନନ ସହ ବସୁଧା ଯୋଜନାକୁ ସଚଳ କରିବାକୁ ଦାବି କରିଛନ୍ତି। ପ୍ରଶାସନ ଏହାକୁ କେତେ ଗୁରୁତ୍ୱ ଦେଉଛି ତାହାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

# ବୃଦ୍ଧ ବୃଦ୍ଧା,ବିଧବା ଓ ଦିବ୍ୟାଙ୍ଗ : ୨/୩ ମାସର ବକେୟା ଭତ୍ତା ଟଙ୍କା ପାଇନଥିବା ନେଇ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ

ଥୁଆମୂଳ ରାମପୁର, ୨୯।୫ (ଆନିସ) : ଗରିବ ବୃଦ୍ଧ,ବୃଦ୍ଧା,ବିଧବା ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ସରକାରଙ୍କ ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ପ୍ରଚଳିତ ଭର୍ତ୍ତା ବାବଦରେ ପ୍ରଦାନ କରାଯାଉଥିବା ଟଙ୍କାରେ ସେମାନଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ ପାଣି ସେତିକି ଟଙ୍କାରେ ଜଣେ ମନୁଷ୍ୟ ମାସକ ଭିତରେ ଚଳିବା କାଠିକର ପାଠ, ଏହାଛଡା ସରକାରଙ୍କ ନିୟମ ଅନୁସାରେ ଉକ୍ତ ହିତାଧିକାରୀଙ୍କୁ ପ୍ରତେକ ମାସରେ ଭର୍ତ୍ତା ପ୍ରଦାନ କରିବା ନିୟମ ରହିଛି। କିନ୍ତୁ ତାହାର ବ୍ୟତିକ୍ରମ ହେଉଛି ଏହାଭିତରେ ପୁଣି ୨/୩ ମାସର ଭର୍ତ୍ତା ଟଙ୍କା ପାଇନଥିବା ହିତାଧିକାରୀଙ୍କ ଅବସ୍ଥା ଯାହା ତାହା ଜଣେ ସାଧାରଣ ମନୁଷ୍ୟ ନିଶ୍ଚିତ୍? ଭାବରେ ବୁଝିପାରିବେ। ୨/୩ ମାସର ଭର୍ତ୍ତା ପାଇନଥିବା ଗରିବ ଅସହାୟ ହିତାଧିକାରୀ ଦୂରଦୂରାନ୍ତରୁ ଗ୍ରୀଷ୍ମପ୍ରବାହ ପ୍ରଚଣ୍ଡ ଖରା ସମୟରେ ବ୍ଲକ କାର୍ଯ୍ୟାଳୟକୁ ଯାଇ ଅଧିକାରୀଙ୍କୁ ସାକ୍ଷାତ କରିବା ଭଳି ଘଟଣା ନେଇ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କ ଦୁଃଖ ଚରମ ସୀମାରେ ପହଞ୍ଚିଛି ସେମାନଙ୍କର ଦୀର୍ଘ ୨/୩ ମାସ ଅତିବାହିତ ହୋଇଥିବା ବେଳେ ବୃଦ୍ଧ ବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗ ମାନେ ତାଙ୍କର ପ୍ରାପ୍ୟ ଭର୍ତ୍ତା ଟଙ୍କା ପାଇନଥିବା ଜଣାପଡିଛି ୨/୨ମାସ ଅତିକ୍ରମ କରିଥିବା ବେଳେ ଚଳିତ ମେ ମାସ ଶେଷ ସୁଦ୍ଧା ସେମାନଙ୍କ ପାଇଁ ୩ ମାସ ହୋଇଯିବ। ଏହି ଭଳି ସମସ୍ୟାର ସମାଧାନ ପାଇଁ ଅଞ୍ଚଳର ଶତାଧିକ ହିତାଧିକାରୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡ଼ିଓ ଏବଂ ବିଏସ୍?ଏସ୍?ଓଙ୍କୁ ସାକ୍ଷାତ କରିବା ପାଇଁ ଆସିବା କେତେ କଷ୍ଟ। ସୁଦୂର ଦୁର୍ଗମ ଓ ପାହାଡ଼ିଆ ଅଞ୍ଚଳରୁ ଯାଇଥିବା ଅସହାୟ ବୃଦ୍ଧ ବୃଦ୍ଧା,ବିଧବା, ଦିବ୍ୟାଙ୍ଗ ହିତାଧିକାରୀ ନିଜ ନିଜ ଦୁଃଖ ଜଣାଇବା ସହିତ ବିଡ଼ିଓ ଓ ସ୍ଥାନୀୟ ବିଜେପି ନେତାଙ୍କ ପାଦ ତଳେ ପଡ଼ି ନେହୁରା ହେବାଭଳି କରୁଣ




ଦୃଶ୍ୟ ଦେଖାଦେଇଛି। ସୂଚନା ଜଣାପଡିଛି ଯେ, ଅଞ୍ଚଳର ବଡ଼ ବଣ୍ଡେଲ, ବଡ଼ ଛତ୍ରଙ୍ଗ, ସିନ୍ଧିପଦର, ଟେଭା କଲମ, ପୋଖରା, ଉପର ଝାପି, ରାଣୀ ପଦର, ବାଗଡିଆଣି, ତଲଝାପି, ବିସମଗିରି, କାଠକୁରା, କୋଷାବରା, ଥୁଆମୂଳ ରାମପୁର ଏବଂ ବଡ଼ ଖମନ ଆଦି ବିଭିନ୍ନ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ହିତାଧିକାରୀ ନିଜର ଅଭିଯୋଗ ନେଇ ପ୍ରଥମେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ()ଙ୍କ କାର୍ଯ୍ୟାଳୟକୁ ଯାଇଥିଲେ ହେଲେ ବିଏସ୍?ଏସ୍?ଓ ଅନୁପସ୍ଥିତ ଥିବା ଦେଖି ସେଠାରୁ ସିଧାସଳଖ ଗୋଷ୍ଠୀ ଉନ୍ନୟନ ଅଧିକାରୀ ()ଙ୍କ ଦ୍ୱାରସ୍ଥ ହୋଇଥିଲେ। ହିତାଧିକାରୀଙ୍କ ଅଭିଯୋଗ କ୍ରମେ ଯାହା ଜଣାପଡିଛି ଯ, ଯେଉଁ ହିତାଧିକାରୀଙ୍କୁ ନଗଦ ଭର୍ତ୍ତା ଆକାରରେ ହାତରେ ଦିଆଯାଉଛି ତାହା ପ୍ରତି ମାସରେ ଟଙ୍କା ମିଳୁଛି। ମାତ୍ର ଯେଉଁମାନଙ୍କର ପୂର୍ବରୁ ପ୍ରତି ମାସରେ ନିଜ ବ୍ୟାଙ୍କ ପାସ୍? ବହି ଆକାଉଣ୍ଟ () ମାଧ୍ୟମରେ ଠିକ୍? ସମୟରେ ଭର୍ତ୍ତା ପାଉଥିଲେ। ଏହାର ପରବର୍ତ୍ତୀ ସମୟରେ ସେମାନଙ୍କୁ ଦୀର୍ଘ ଦୁଇ ମାସ ହେଲା ବଞ୍ଚିତ କରାଯାଇଛି। ନିଜ ନିଜ ପଞ୍ଚାୟତ କାର୍ଯ୍ୟାଳୟକୁ ଗଲେ ଅଧିକାରୀମାନେ ଆମେ ଜାଣିନୁ, ବ୍ଲକକୁ ଯାଅ କହି ଦାୟିତ୍ୱ ଖସାଇ ଦେଉଛନ୍ତି ବୋଲି ହିତାଧିକାରୀ ପ୍ରକାଶ କରିଛନ୍ତି। ଏପଟେ ବ୍ଲକ କାର୍ଯ୍ୟାଳୟକୁ ଆସି ବିଡ଼ିଓ କହିଲେ କହୁଛନ୍ତି ଏହା ଆମ ହାତର କଥା ନୁହେଁ, କେନ୍ଦ୍ରରୁ ପଇସା ଆସିନାହିଁ ବୋଲି କହି ପ୍ରସଙ୍ଗ ଏଡ଼ାଇ ଦିଆଯାଉଛି। ଆମେ ବୁଢ଼ାବୁଢ଼ୀ ଲୋକ, କେଉଁଠି କାମ କରିବୁ ଆଉ ପଇସା ରୋଜଗାର କରିବୁ? ଆମର ପୁଅ-ଝିଅ କେହି ନାହାନ୍ତି। ଦୀର୍ଘ ୨ ମାସ ହେଲାଣି ଭତ୍ତା ମିଳିନି, ଏହି ମେ ମାସ ଶେଷରେ ଏହା ୩ ମାସ ହେବ। ଆମେ କେମିତି ଚଳୁଛୁ, କଣ ଖାଉଛୁ ସରକାର ଜାଣିବା କଥା। ସରକାର କାହିଁକି ଆମ ଭଳି ନିରୀହ ଲୋକଙ୍କ ସହ ଏମିତି ଖେଳ ଖେଳୁଛନ୍ତି? ଯଦି ଭୋକ ଉପାସରେ ଆମର କିଛି ଅଘଟଣ ଘଟେ, ତେବେ ଏହି ସରକାର ହିଁ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ଏ ସମ୍ପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବ ଚରଣ ମୁଦୁଲି ହିତାଧିକାରୀମାନଙ୍କୁ ବୁଝାସୁଝା କରିବା ସହିତ ଆସନ୍ତା ଜୁନ୍? ୨୦ ରୁ ୨୫ ତାରିଖ ମଧ୍ୟରେ ସମସ୍ତ ବ୍ୟାଙ୍କ ଆକାଉଣ୍ଟଧାରୀ ହିତାଧିକାରୀଙ୍କ ଖାତାକୁ ବକେୟା ଟଙ୍କା ଚାଲିଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ଘଟଣା ସମ୍ପର୍କ ଉପରେ ସାଂସଦ ବ୍ଲକ ପ୍ରତିନିଧି ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପବିତ୍ର ନାଏକଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ସମସ୍ୟା ପଞ୍ଚାୟତ ସ୍ତରୀୟ ଅଧିକାରୀ ବା ସରପଞ୍ଚ, ସମିତି ବୁଝିବା କଥା। ବର୍ତ୍ତମାନ ଆମ ସରକାର ହେଉଛି ଲୋକଙ୍କ ସରକାର। ସମସ୍ତ ହିତାଧିକାରୀ କେମିତି ସିଧାସଳଖ ସେମାନଙ୍କ ଘରେ ଭର୍ତ୍ତା ଟଙ୍କା ପାଇପାରିବେ, ସେ ନେଇ ମୁଁ ବିଡ଼ିଓଙ୍କ ସହ କଥା ହେବି। ଏହାଛଡା ପୂର୍ବରୁ ଏଭଳି ଅଭିଯୋଗ ଆମ ପାଖକୁ ଆସି ନ ଥିଲା, ଆମେ ଏହାକୁ ଗୁରୁତ୍ୱ ଦେଇ ଖୁବ୍? କମ୍? ସମୟ ମଧ୍ୟରେ ସମସ୍ତ ବଞ୍ଚିତ ହିତାଧିକାରୀଙ୍କୁ ପ୍ରାପ୍ୟ ପ୍ରଦାନ କରିବୁ।

ଅପରପକ୍ଷରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ () ସୁନା ରାମ ସ୍ୱରେନଙ୍କ ସହ ଯୋଗାଯୋଗ କରିବାରୁ ସେ ଏକ ଭିନ୍ନ ସଫେଇ ଦେଇଛନ୍ତି। ସେ କହିଛନ୍ତି, ଏହା କେବଳ ଆମ ବ୍ଲକର ସମସ୍ୟା ନୁହେଁ, ସାରା ଓଡ଼ିଶାରେ ଏଭଳି ସମସ୍ୟା ଦେଖାଦେଇଛି। କେଉଁ ମାସରେ କିମ୍ବା କେବେ ପଇସା ପଡ଼ିବ, ସେ ସମ୍ପର୍କରେ ଆମ ପାଖରେ କୌଣସି ସଠିକ୍? ତଥ୍ୟ ନାହିଁ। ଯାହା ବି ହେବ ତାହା ଉପର ସ୍ତରରୁ ହେବ।

ଏହି ପ୍ରଖର ଗ୍ରୀଷ୍ମ ପ୍ରବାହ ଓ ପ୍ରଚଣ୍ଡ ଖରା ସମୟରେ ଗରିବ ହିତାଧିକାରୀମାନେ ଭର୍ତ୍ତା ଟଙ୍କା ଖଣ୍ଡେ୍ତ ପାଇବା ଆଶାରେ ବହୁତ ଦୂରରୁ କଷ୍ଟ ସହି ବ୍ୟାଙ୍କ ଗୁଡ଼ିକୁ ଆସୁଛନ୍ତି। ବ୍ୟାଙ୍କରେ ଘଣ୍ଟା ଘଣ୍ଟା ସମୟ ଧରି ଛିଡ଼ା ହେବା ପରେ ଟଙ୍କା ଆସିନାହିଁ ଶୁଣି ନିରାଶ ହୋଇ ଫେରୁଛନ୍ତି।ସମ୍ବେଦନଶୀଳ ବିଷୟ ଏହା ଯେ, ପୂର୍ବରୁ ଗ୍ରୀଷ୍ମ ଋତୁରେ ଛତା କିଣିବା ବାବଦକୁ ସରକାର ଆର୍ଥିକ ସହାୟତା ପ୍ରଦାନ କରୁଥିଲେ, ମାତ୍ର ବର୍ତ୍ତମାନ ଜୁନ୍? ମାସ ଆସିବାକୁ ବସିଥିଲେ ମଧ ଉକ୍ତ ସହାୟତା ମଧ ମିଳିନାହିଁ। ପୂର୍ବରୁ ଠିକ୍? ସମୟରେ ସବୁ ଟଙ୍କା ମିଳୁଥିବା ବେଳେ ବର୍ତ୍ତମାନର ଡବଲ ଇଞ୍ଜିନ ସରକାରଙ୍କ ସମୟରେ ଗରିବ ଲୋକମାନେ ଏଭଳି କଲବଲ କାହିଁକି ହେଉଛନ୍ତି,ଏହିଘଟଣାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଆଲୋଚନା ବିଷୟ ହୋଇଛି। ପ୍ରଶାସନ ଓ ସରକାର ତୁରନ୍ତ ଏହି ଅସହାୟ ବୃଦ୍ଧ ବୃଦ୍ଧା,ବିଧବା ଙ୍କ ଦୁଃଖ ଶୁଣି ସେମାନଙ୍କ ବକେୟା ପ୍ରାପ୍ୟ ଟଙ୍କା ଘର କୁ ଘର ଯାଇ ହାତରେ ପ୍ରଦାନ କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

# ଆଜିଠାରୁ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟା ଆରମ୍ଭ

## ଘରକୁ ଘର ବୁଲିବେ ୫୪୯ ବିଏଲଓ



ମାଲକାନଗିରି,୨୮।୫ (ଆନିସ): ମାଲକାନଗିରି ଜିଲ୍ଲାରେ ଭୋଟର ତାଲିକାର ସଠିକତା ଏବଂ ସଂଶୋଧନ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂଚନା ଦେଇଛନ୍ତି ଯେ ଆସନ୍ତାକାଲି ଅର୍ଥାତ୍? ୩୦ ମେ ଠାରୁ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଭୋଟର ତାଲିକାରେ ନୂତନ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଯୋଗ୍ୟତା ତାରିଖ ୦୧.୦୭.୨୦୨୬ ସ୍ଥିର କରାଯାଇଛି। ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଜିଲ୍ଲାପାଳ ଶ୍ରୀ ରାଜଶିର୍କେ କହିଛନ୍ତି ଯେ ଏକ ସ୍ୱଚ୍ଛ ଓ ସଠିକ ଭୋଟର ତାଲିକା ହିଁ ସୁଦୃଢ଼ ଗଣତନ୍ତ୍ରର ମୂଳଦୁଆ।ବିଏଲଓମାନେ ପ୍ରତି ଘରକୁ ଯାଇ ତଥ୍ୟ ସଂଗ୍ରହ କରିବେ। ଜିଲ୍ଲାର କୌଣସି ବି ଯୋଗ୍ୟ ଭୋଟର ଯେପରି ଏହି ପ୍ରକ୍ରିୟାରୁ ବଞ୍ଚିତ ନ ହୁଅନ୍ତି, ତାହା ନିଶ୍ଚିତ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ। ବିଏଲଓମାନଙ୍କୁ ସଠିକ ତଥ୍ୟ ପ୍ରଦାନ କରି ଏହି ସ୍ୱତନ୍ତ୍ର ସଂଶୋଧନ ଅଭିଯାନକୁ ସଫଳ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

ଏହି ପ୍ରକ୍ରିୟା ଅଧୀନରେ ଜିଲ୍ଲାର ଦୁଇଟି ନିର୍ବାଚନମଣ୍ଡଳୀରେ ସମୁଦାୟ ୫୪୯ ଜଣ ବିଏଲଓ ୩୦.୦୫.୨୦୨୬ ରୁ ୨୮.୦୬.୨୦୨୬ ପର୍ଯ୍ୟନ୍ତ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଏଥିମଧ୍ୟରୁ ମାଲକାନଗିରି ବିଧାନସଭା ନିର୍ବାଚନମଣ୍ଡଳୀର ୩୦୨ ଜଣ ଏବଂ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର ୨୪୭ ଜଣ ବିଏଲଓ ସାମିଲ ଅଛନ୍ତି। ସେମାନେ ମାଲକାନଗିରିର ୨,୫୨,୬୯୧ ଭୋଟର ଏବଂ ଚିତ୍ରକୋଣ୍ଡାର ୨,୦୯,୪୮୦ ଭୋଟରଙ୍କୁ ୨ଟି ଲେଖାଏଁ ପରିଗଣନା ଫର୍ମ ପ୍ରଦାନ କରିବା ସହ ଫର୍ମ ପୂରଣରେ ମାର୍ଗଦର୍ଶନ କରିବେ।

ବର୍ତ୍ତମାନ ସୁଦ୍ଧା ମାଲକାନଗିରି ନିର୍ବାଚନମଣ୍ଡଳୀର ୨,୩୬,୦୭୮ (୯୩.୪୩%) ଏବଂ ଚିତ୍ରକୋଣ୍ଡାର ୧,୯୯,୭୩୧ (୯୫.୩୫%) ଭୋଟରଙ୍କ ନାମ ୨୦୦୨ ମସିହା ଭୋଟର ତାଲିକା ସହିତ ମ୍ୟାପିଂ କରାଯାଇସାରିଛି। ଅବଶିଷ୍ଟ ମାଲକାନଗିରିର ୧୬,୬୧୩ ଏବଂ ଚିତ୍ରକୋଣ୍ଡାର ୯, ୭୪୯ ଭୋଟର ପରିଗଣନା ଫର୍ମ ସହ ଆବଶ୍ୟକୀୟ ଦସ୍ତାବିଜ ବିଏଲଓ ମାନଙ୍କୁ ହସ୍ତାନ୍ତର କରିବେ।

ଏହି ସ୍ୱତନ୍ତ୍ର କାର୍ଯ୍ୟସୂଚୀ ଅନୁଯାୟୀ, ୩୦.୦୫.୨୦୨୬ ରୁ ୨୮.୦୬.୨୦୨୬ ପର୍ଯ୍ୟନ୍ତ ପରିଗଣନା ଫର୍ମ ପୂରଣ ଅବଧି ଚାଲିବ। ଏହାପରେ ୦୫.୦୭.୨୦୨୬ ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ୦୫.୦୭.୨୦୨୬ ରୁ ୦୪.୦୮.୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ ଏବଂ ୦୫.୦୭.୨୦୨୬ ରୁ ୦୨.୦୯.୨୦୨୬ ମଧ୍ୟରେ ନୋଟିସ ଜାରି ସହ ଆପତ୍ତିର ନିଷ୍ପତ୍ତି ନିଆଯିବ। ଶେଷରେ ୦୬.୦୯.୨୦୨୬ ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ସୂଚନା ମିଳିଛି। ଭୋଟର ତାଲିକାକୁ ଅଧିକ ସଠିକ, ସ୍ୱଚ୍ଛ ଓ ଅଧତନ କରିବା ପାଇଁ ଏସଆଇଆର ପ୍ରକ୍ରିୟାରେ ବିଏଲଓ ମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଜିଲ୍ଲାବାସୀଙ୍କୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ସହାୟକ ଜିଲ୍ଲାପାଳ ଅଶୋକ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ।

# ପାରଳାଖେମୁଣ୍ଡି ରଥଯାତ୍ରା ପାଇଁ ପ୍ରାକ୍-ପ୍ରସ୍ତୁତି ବୈଠକ



ପାରଳାଖେମୁଣ୍ଡି:୨୮।୫ (ଆନିସ): ଆଜି ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ଠାରେ ଆସନ୍ତା ରଥ ଯାତ୍ରା ପାଳନ ଉପଲକ୍ଷେ ପ୍ରାକ୍-ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ଶ୍ରୀଯୁକ୍ତ ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭାପତି ଶ୍ରୀଯୁକ୍ତ ଜି.ତିରୁପତି ରାଓ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା, ଉପଖଣ୍ଡ ପୋଲିସ ଅଧିକାରୀ ଶ୍ରୀ ମାଧବ ନନ୍ଦ ନାୟକ, ପାରଳା ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନିର୍ମଳା ସେଠୀ,ସ୍ଥାନୀୟ ତହସିଲଦାର ଶ୍ରୀ ନାରାୟଣ ବେହେରା ଓ ବରିଷ୍ଠ ନାଗରିକ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଆଜିର ଏହି ପ୍ରସ୍ତୁତି ବୈଠକରେ ପ୍ରଥମେ ଉପ-ଜିଲ୍ଲାପାଳ ଶ୍ରୀଯୁକ୍ତ ଅନୁପ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରି ପୂର୍ବ ବର୍ଷର ଆଦାୟ ଓ ଖର୍ଚ୍ଚ ବିଷୟରେ ବିବରଣୀ ପାଠ କରି କହିଥିଲେ ଗତ ଥର ସମସ୍ତଙ୍କ ସହଯୋଗରେ ଅତ୍ୟନ୍ତ ସଫଳତାର ସହ ରଥ ଯାତ୍ରା ଏବଂ ଯାତ୍ରା ସହ ସମ୍ପୃକ୍ତ ଥିବା ସମସ୍ତ କମିଟି ମେମ୍ବର ମାନଙ୍କୁ ସାଧୁବାଦ ଜଣାଇଥିଲେ । ପରେ ପରେ ରଥ ନିର୍ମାଣ ଓ ମରାମତି ସମ୍ପର୍କରେ ସବିଶେଷ ଭାବେ ଆଲୋଚନା ହୋଇଥିଲା । ଏଥିନିମନ୍ତେ କେଉଁ ଠାରୁ କାଠ ଆସିବ ଏବଂ କେତେ ପରିମାଣର ନୂତନ କାଠ ଆବଶ୍ୟକ ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା ।

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଅସ୍ଥାୟୀ ଦୋକାନ ବ୍ୟବସ୍ଥା ଓ ମୀନା ବଜାର ପାଇଁ ନିରୂପଣ ଏବଂ ନିଲାମ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଯାତ୍ରାର ମୁଖ୍ୟ ବିଷୟ ବସ୍ତୁ ସୁଖିଲା ଭୋଗ ଓ ଅନ୍ନଭୋଗ ବିଷୟରେ ଆଲୋଚନା ହେବା ସହ ଏହାର ଦାୟିତ୍ୱ ଓ ଏଥିନିମନ୍ତେ କେତେ ପରିମାଣର ଖର୍ଚ୍ଚ ହେବ ସେ ବିଷୟରେ କମିଟି ସଦସ୍ୟ ଓ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କ ମଧ୍ୟରେ ଆଲୋଚନା ହୋଇ ତାର ସମ୍ପୂର୍ଣ୍ଣ ବିବରଣୀ ପ୍ରସ୍ତୁତ ହୋଇଥିଲା । ରଥଯାତ୍ରାରେ ଜନସମାଗମକୁ ଦୃଷ୍ଟିରେ ରଖି ସହରର ପରିମଳ ବ୍ୟବସ୍ଥା ଓ ସୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଆମ୍ବୁଲାନ୍ସ ଓ ଅଗ୍ନିଶମ ବ୍ୟବସ୍ଥା ଉପରେ ମଧ ଆଲୋଚନା ହେବା ସହ ଉକ୍ତ ବିଭାଗକୁ ଏଥିପାଇଁ ସମ୍ପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ସେହିପରି ବିଦ୍ୟୁତ ବ୍ୟବସ୍ଥା ରାସ୍ତାଘାଟ ମରାମତି ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା । ସେହିପରି ଯାତ୍ରା ସମୟରେ ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ ବ୍ୟବସ୍ଥା ଓ ଶାନ୍ତି ଶୃଙ୍ଖଳା ରଖିବା ପାଇଁ ପୋଲିସ ପକ୍ଷରୁ କିପରି ସୁରକ୍ଷା ବ୍ୟବସ୍ଥା କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା ।

ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ସମେତ ସହରର ବହୁ ବୁଦ୍ଧିଜିବୀ, ଗଣମାଧ୍ୟମ ପ୍ରତିନିଧି, ସହରର ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତାମତ ଦେବା ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା ।

# ଚିତ୍ରକୋଣ୍ଡା ବ୍ଲକ୍‌ରେ ଦୁର୍ନୀତି ଅଭିଯୋଗ ନେଇ ତେଜିଲା ଅସନ୍ତୋଷ - ଜିଲ୍ଲାପାଳଙ୍କ ନିକଟରେ ରାଷ୍ଟ୍ରୀୟ ବିକାଶ ସେନାର ଦାବିପତ୍ର



ମାଲକାନଗିରି, , ୨୮।୫ (ଆନିସ): ଚିତ୍ରକୋଣ୍ଡା ବ୍ଲକ୍‌ରେ କେତେକ ସରକାରୀ କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ଓ ସରକାରୀ ଅର୍ଥ ହଡପ ଅଭିଯୋଗକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ସରକାରୀ ଯୋଜନା ଓ ପ୍ରକଳ୍ପର ସୁବିଧା ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରୁନଥିବା ଅଭିଯୋଗ କରି ଆଜି ରାଷ୍ଟ୍ରୀୟ ବିକାଶ ସେନା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯାଳୟରେ ଏକ ଦାବିପତ୍ର ଡେପୁଟି କଲେକ୍ଟରଙ୍କୁ ପ୍ରଦାନ କରାଯାଇଛି ।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଜିଡିପିଓ ହେମନ୍ତ କୁମାର ଭୁୟାଁ, ଏପିଓ ଉଛବ ଗିରି, ଜେଇ ରଜେନ୍ଦ୍ର ଦୋରା ଏବଂ ନୁଆଗୁଡା ପିଇଓ ମାଣିକ ହାଁସଦାଙ୍କ ସହ ଅନ୍ୟାନ୍ୟ କେତେକ ସରକାରୀ କର୍ମଚାରୀ ବର୍ଷବର୍ଷ ଧରି ଏହି ଅଞ୍ଚଳରେ ରହି ବିଭିନ୍ନ ସରକାରୀ ଯୋଜନାର ଅର୍ଥ ଅନିୟମିତ ଭାବେ ବ୍ୟବହାର କରୁଥିବା ଅଭିଯୋଗ ରହିଛି ।

ଅଭିଯୋଗକାରୀମାନଙ୍କ କହିବା ଅନୁଯାୟୀ, ଏହି ସମ୍ପର୍କରେ ତଥ୍ୟ ମାଗିଲେ ସଂପୃକ୍ତ ଅଧିକାରୀମାନଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ଉତ୍ତର ମିଳୁନାହିଁ ।

ସେହିପରି, ପତ୍ର ସଂଖ୍ୟା ୩୦୫/୨୦୨୫, ତାରିଖ ୦୭-୦୭-୨୦୨୫ ଅନୁଯାୟୀ ନୁଆଗୁଡା ପିଇଓ ମନରେଗା କାର୍ଯ୍ୟ ନ କରି ଅର୍ଥ ଉଠାଇଥିବା କଥା ବିଡିଓ ତାଙ୍କ ପତ୍ରରେ ଉଲ୍ଲେଖ କରିଥିବା ସହ ୩ ଦିନ ମଧ୍ୟରେ ଏହାର ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏହାପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହୋଇଥିବା ଅଭିଯୋଗ ମଧ୍ୟ ଆସିଛି ।

ଏହା ସହ ଟନେଲ୍ କ୍ୟାମ୍ପ ପଞ୍ଚାୟତ କାର୍ଯ୍ୟାଳୟ ଅନେକ ସମୟ ଧରି ବନ୍ଦ ରହୁଥିବା ଘଟଣା ମଧ୍ୟ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଏଥିରୁ ସାଧାରଣ ଲୋକ ସରକାରୀ ସେବା ପାଇବାରେ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି ।

ଦାବୀପତ୍ର ପ୍ରଦାନ କରିବା ସମୟରେ ରାଷ୍ଟ୍ରୀୟ ବିକାଶ ସେନାର ରାଜ୍ୟ ସଭାପତି ଶ୍ରୀ କେ. ବାଲାରାଜୁ ଆଚାରୀ, ଚିତ୍ରକୋଣ୍ଡା ବ୍ଲକ ସଭାପତି ଡମ୍ବରୁ ଶିଶା, ଖଇରପୁଟ ବ୍ଲକ ସଭାପତି ସମରା ରୂଢେଇ, ଆଦିବାସୀ ସମାଜ ନେତା ଘେନୁ ମୁଦୁଲୀ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ସମସ୍ତ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ସହ ସ୍ଥାନୀୟ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରି ଆଜି ବହୁ ସଂଖ୍ୟକ ଲୋକ ଜିଲ୍ଲାପାଳଙ୍କ କାର୍ଯାଳୟରେ ପହଞ୍ଚିଥିଲେ ।

# ହୋମଗାର୍ଡ ଆକ୍ରମଣ ମାମଲାରେ ଦୋଷୀଙ୍କୁ ଜେଲ୍ ଦଣ୍ଡ

ରାୟଗଡ଼ା,୨୯।୫ (ଆନିସ) ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁର ଠାରେ ଜଣେ କାର୍ଯ୍ୟରତ ହୋମଗାର୍ଡଙ୍କୁ ଆକ୍ରମଣ ମାମଲାରେ ଅଭିଯୁକ୍ତ ଦୋଷୀକୁ ଅଢ଼େଇ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ବରିଷ୍ଠ ଦେୱାନୀ ଅଦାଲତ ଜଜ୍ ଆଶିଷ ପଟ୍ଟନାୟକ। ଏଥିସହ ୫ ହଜାର ଟଙ୍କା ଜରିମାନା ଆଦାୟ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଜରିମାନା ଅନାଦେୟ ହେଲେ ଅଧିକ ତିନି ମାସ ଜେଲଦଣ୍ଡ ନିର୍ଦ୍ଦେଶ ରହିଛି। କାରାଦଣ୍ଡ ପାଇଥିବା ଅଭିଯୁକ୍ତ ଜଣଙ୍କ ହେଲେ ରାଜେନ୍ଦ୍ର ଦୀପ୍ । ଘଟଣାରୁ ପ୍ରକାଶ ଯେ, ୨୦୨୧ ମସିହା ଡିସେମ୍ବର ୧୩ ତାରିଖରେ ଟ୍ରାଫିକ ଡ୍ୟୁଟି କରୁଥିବା ବେଳେ ମହିଳା ହୋମଗାର୍ଡ ରୀନା ବିଡିକା ବାଇକ୍ ଅଟକାଇଥିଲେ। ତେବେ ରାଜେନ୍ଦ୍ର ନଅଟକି ଚାଲି ଯାଇଥିଲେ। ପରବର୍ତ୍ତୀ ସମୟରେ ଆସି ରୀନାଙ୍କୁ ଛୁରିରେ ଆକ୍ରମଣ କରିଥିଲେ।ଗୁରୁତର ଅବସ୍ଥାରେ ରୀନା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହୋଇଥିଲେ। ଏହି ମାମଲାରେ ଚାନ୍ଦିଲି ପୁଲିସ ରାଜେନ୍ଦ୍ରକୁ ଗିରଫ କରିଥିଲା। ଅଦାଲତ କେସ୍ ନମ୍ବର ସିଟି ୩୨ ରେ ଏହି ମାମଲାର ବିଚାରଣା କରି ଅଦାଲତ ଏହି ରାୟ ଶୁଣାଇଛନ୍ତି। ସରକାରୀ ଓକିଲ ଭାବେ ଭବାନୀ ଶଙ୍କର ମିଶ୍ର ମାମଲା ପରିଚାଳନା କରୁଥିଲେ।

# ପାରଳାଖେମୁଣ୍ଡି ଠାରେ ଆମ୍ବ ମେଳା, ଗାଁ ଆମ୍ବ ପସରା -୨୦୨୬ ଉଦ୍ଘାଟିତ



ପାରଳାଖେମୁଣ୍ଡି, ୨୮।୫ (ଆନିସ):ଆଜି ପାରଳାଖେମୁଣ୍ଡି ସହର ନିକଟସ୍ଥ ଗୁଣ୍ଡିଚା ବାଡ଼ି ଠାରେ ଜିଲ୍ଲାସ୍ତରୀୟ ଆମ୍ବ ମେଳା,ଗାଁ ଆମ୍ବ ପସରା -୨୦୨୬ ଶୁଭ ଉଦଘାଟନ ହୋଇଯାଇଛି। ଉକ୍ତ ମେଳାକୁ ପାରଳାଖେମୁଣ୍ଡି ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ରୁପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭ ଉଦ୍ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଭାପତି ଶ୍ରୀଯୁକ୍ତ ଜି.ତିରୁପତି ରାଓ ,ପାରଳା ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନିର୍ମଳା ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଦୟାମୟ ପାଢ଼ୀ,ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମୁନୀନ୍ଦ୍ର ହୋନନାଗା ,ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ, ଡିପିଏମ୍? ଓଏଲ୍‌ଏମ୍? ଶ୍ରୀ ଟିମନ୍? ବାରା ଓ ଡେପୁଟି ସିଇଓ ଓରର୍ମାସ୍? ଶ୍ରୀ ଆଶିଷ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି ପକ୍ଷରୁ ଆୟୋଜିତ ମେଳାରେ ଗଜପତି ଜିଲ୍ଲାର ପ୍ରାକୃତିକ ଭାବରେ ଚାଷ ହେଉଥିବା ବିଭିନ୍ନ ପ୍ରକାରର ଆମ୍ବକୁ ଜନସାଧାରଣ ଲୋକଙ୍କ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ମେଳା ଆୟୋଜନ କରାଯାଉଛି। ଏହି ପ୍ରଦର୍ଶନୀ ସହ ବିକ୍ରୟ ଆଉଟଲେଟ୍? ଆମ୍ବ ଚାଷ, ପ୍ରକ୍ରିୟାକରଣ ଏବଂ ମୂଲ୍ୟ ବୃଦ୍ଧି କାର୍ଯ୍ୟକଳାପରେ ନିୟୋଜିତ ସ୍ୱୟଂ ସହାୟକ ଗୋଷ୍ଠୀ, ପ୍ରୋତ୍ସାହନ ପାଇଁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ପ୍ରଦାନ ହୋଇପାରିବ। ଗଜପତିର ଆମ୍ବ ଏହାର ସମୃଦ୍ଧ ସ୍ୱାଦ, ଜୈବିକ ପ୍ରକୃତି ଆମ୍ବ ଲେଙ୍ଗେଡା, ଦସେରି,ଲାଲସୁନ୍ଦରୀ, ଆମ୍ରପଲ୍ଲୀ, ହାତିମୁଣ୍ଡା, ଆଖୁରସ ଏବଂ ବାଇଗଣପଲ୍ଲୀ ଭଳି ବିଭିନ୍ନ ପ୍ରକାରର ଦେଶୀ କିସମର ଉପଲବ୍ଧତା ଯୋଗୁଁ ଗ୍ରାହକଙ୍କ ସ୍ୱାଦ କଳିରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ମେଳା ଆଜି ଠାରୁ ତା.୨୯ ମଇ ୨୦୨୬ ରୁ ୨ ଜୁନ ୨୦୨୬ ପର୍ଯ୍ୟନ୍ତ ପାଞ୍ଚଦିନ ଧରି ଗୁଣ୍ଡିଚା ବାଡିରେ ଆମ୍ବ ମେଳା ଆୟୋଜନ ହେଉଛି। ଏହି ମେଳାରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ବିଭାଗୀୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୩ ବର୍ଷ ଧରି ବାଲିମେଳା ଓଏଚପିସିରେ କାର୍ଯ୍ୟରତ ଥିବା ଅଧିକାରୀଙ୍କ ବଦଳି କେବେ?

ମାଲକାନଗିରି, ୨୮।୫ (ଆନିସ):ରାଜ୍ୟ ସରକାର ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ପାଇଁ ସ୍ୱଚ୍ଛ ଓ ସମାନ ବଦଳି ନୀତି ପ୍ରଣୟନ କରିଥିବା ବେଳେ ମାଲକାନଗିରି ଜିଲ୍ଲାର ବାଲିମେଳା ଜଳ ବିଦ୍ୟୁତ ପ୍ରକଳ୍ପରେ ଜଣେ ଅଧିକାରୀ ଦୀର୍ଘ ୧୩ ବର୍ଷ ଧରି କାର୍ଯ୍ୟରତ ଥିବା ଘଟଣାକୁ ନେଇ ବର୍ତ୍ତମାନ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ ବାଲିମେଳା ଜଳବିଦ୍ୟୁତ ପ୍ରକଳ୍ପର ସହକାରୀ ପରିଚାଳକ (ଏଚଆରଡି) ଦୁର୍ଗା ପ୍ରସାଦ ନାୟକ ୨୮ ଜାନୁଆରୀ ୨୦୧୩ ଠାରୁ ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ରରେ କାର୍ଯ୍ୟ କରିଆସୁଛନ୍ତି। ଓଏଚପିସି ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ଅଫିସ ଆଦେଶ ସଂଖ୍ୟା ୧୧୨/୨୦୧୫/୪୬୦୨, ତାରିଖ ୦୪/୦୫/୨୦୧୬ ଅନୁଯାୟୀ ଶ୍ରୀ ନାୟକ ଙ୍କୁ ବାଲିମେଳା ଜଳ ବିଦ୍ୟୁତ ପ୍ରକଳ୍ପ (ବିଏଚଇପି) ରୁ ରେଙ୍ଗାଳି ଜଳବିଦ୍ୟୁତ ପ୍ରକଳ୍ପ (ଆରଏଚଇପି) କୁ ୧୦.୦୪.୨୦୧୬ ରେ କେବଳ ଅସ୍ଥାୟୀ ଡେପୁଟେସନରେ ପଠାଯାଇଥିଲା। ଏହି ଆଦେଶରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ ରେଙ୍ଗାଳି ପ୍ରକଳ୍ପର ସହକାରୀ ପରିଚାଳକ (ଏଚଆରଡି) ପ୍ରିୟଙ୍କା ବର୍ଦ୍ଧନଙ୍କ ଛୁଟି ଅବଧି ପର୍ଯ୍ୟନ୍ତ ଶ୍ରୀ ନାୟକଙ୍କୁ ସେଠାରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଥିଲା।

ପରବର୍ତ୍ତୀ ସମୟରେ ସେ ପୁଣି ୦୯.୦୫.୨୦୧୮ରେ ବାଲିମେଳା ପ୍ରକଳ୍ପକୁ ଫେରି ଆସିଥିଲେ। ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଜଳ ବିଦ୍ୟୁତ ପ୍ରକଳ୍ପରେ କାର୍ଯ୍ୟରତ ଅଛନ୍ତି। ଏହା ଫଳରେ ୨୦୧୩ ମସିହାରୁ ୨୦୨୬ ପର୍ଯ୍ୟନ୍ତ ପ୍ରାୟ ୧୩ ବର୍ଷ ଧରି ସେ ଗୋଟିଏ ଜଳ ବିଦ୍ୟୁତ ପ୍ରକଳ୍ପ ଏବଂ ଗୋଟିଏ ଜିଲ୍ଲାରେ ହିଁ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ବର୍ତ୍ତମାନ ଓଡ଼ିଶା ସରକାରଙ୍କ ଗତ ଚଳିତ ମାସ ୨୨ ତାରିଖରେ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗ ପକ୍ଷରୁ ପତ୍ର ଜାରି ହୋଇଥିବା ସମନ୍ୱିତ ବଦଳି ନୀତି ଅନୁଯାୟୀ ଅଧିକାରୀମାନଙ୍କୁ ସାଧାରଣତଃ ୩ ବର୍ଷ ପରେ ବଦଳି କରାଯିବା ଉଚିତ ଏବଂ କୌଣସି ଜିଲ୍ଲାରେ ୬ ବର୍ଷରୁ ଅଧିକ ସମୟ ରହିବାକୁ ଅନୁମତି ନଥିବା ନିୟମାବଳୀ ଜାରି କରାଯାଇଛି।

ଏପରି ସ୍ଥିତିରେ ବାଲିମେଳା ପ୍ରକଳ୍ପରେ ଦୀର୍ଘ ୧୩ ବର୍ଷ ଧରି ଜଣେ ଅଧିକାରୀଙ୍କ କାର୍ଯ୍ୟକାଳ କିପରି ଜାରି ରହିଛି ଏବଂ ଏହା ସରକାରଙ୍କ ବଦଳି ନୀତି ର ଖୋଲାଖୋଲି ଉଲ୍ଲଘଂନ ହୋଇଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

ସରକାରୀ ନିୟମ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କ କ୍ଷେତ୍ରରେ ସମାନ ଭାବରେ ପ୍ରଯୁଜ୍ୟ ହେବା ଦରକାର ବୋଲି ମତ ପ୍ରକାଶ ପାଇଥିବା ବେଳେ ଓଏଚପିସି କର୍ତ୍ତୃପକ୍ଷ ଏହି ପ୍ରସଙ୍ଗରେ କୌଣସି ସ୍ପଷ୍ଟୀକରଣ ଦେବେ କି ନାହିଁ ତାହାକୁ ନେଇ ଉତ୍ସୁକତା ବଢ଼ିଛି। ସ୍ଥାନୀୟ ମହଲର ଅଭିଯୋଗ ହେଉଛି ଯେ ସରକାରୀ ନୀତି ଓ ନିୟମ ସାଧାରଣ କର୍ମଚାରୀଙ୍କ ପାଇଁ କଠୋର ଭାବେ ପାଳନ କରାଯାଉଥିବା ବେଳେ କେତେକ ପ୍ରଭାବଶାଳୀ ଅଧିକାରୀଙ୍କ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଯାଉଛି। ତେବେ ତୁରନ୍ତ ଏହି ଅଧିକାରୀଙ୍କ ବଦଳି କରିବାକୁ ସାଧାରଣରେ ଦାବି ହେଉଛି।

# ଧୁଙ୍ଗିଆ ପୁଟ ଗାଁ ରେ ବିଜେଡିର ବନ୍ଧୁ ମିଳନ



ମାଥିଲି ( ଆନିସ): ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖିଆଗରେ ରଖି ମାଥିଲି ବ୍ଲକ ଧୁଂଗିଆପୁଟ ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଜିଲ୍ଲା ପରିଷଦ ସଭ୍ୟା ତଥା ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଲକ୍ଷ୍ମୀପ୍ରିୟା ନାୟକଙ୍କ ନେତୃତ୍ୱରେ ଆୟୋଜିତ ହୋଇଯାଇଛି ।

ଧୁଂଗିଆପୁଟ ପଞ୍ଚାୟତର ସରପଞ୍ଚ ମଧୁସୁଧନ ନାୟକ, ଧୂଙ୍ଗିଆ ପୁଟ ସମିତି ସଭ୍ୟ ଖୋଗ ପେଦା ବରିଷ୍ଠ କର୍ମୀ କୁନୁ ଗୁରୁ ଭଗବାନ ଓଡ଼ି,ଜୟ ମାଳି, ଅର୍ଜୁନ ନାୟକ, ନକୁଳ ନାୟକ, ନରସିଂହ ଦୁରା, ବଳ ରାମ ଦୋରା, ମାଧବ ନାୟକ, ଅର୍ଜୁନ ପୁଜାରୀ,ଅର୍ଜୁନ ଗୁରୁ, ଭଗବାନ ନାୟକ, ମନ କାତି, ଦିଶାରୀ ଓ ବିଭିନ୍ନ ଗ୍ରାମରୁ ଦଳୀୟ କର୍ମୀ, ସମର୍ଥକ, ଯୁବ ନେତୃତ୍ୱ ଓ ବରିଷ୍ଠ କର୍ମୀମାନେ ଯୋଗଦେଇ ସଂଗଠନକୁ ଆହୁରି ସୁଦୃଢ କରିବା ନେଇ ଆଲୋଚନା କରିଥିଲେ । ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳକୁ ଶକ୍ତିଶାଳୀ କରିବା ସହ ଗ୍ରାମ ସ୍ତରରେ ଲୋକଙ୍କ ସହ ନିକଟତର ସମ୍ପର୍କ ସ୍ଥାପନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

କାର୍ଯ୍ୟକ୍ରମରେ ଉପସ୍ଥିତ ନେତୃବୃନ୍ଦ କହିଥିଲେ ଯେ, ବିଜୁ ଜନତା ଦଳ ସବୁବେଳେ ଗରିବ, ଚାଷୀ, ମହିଳା ଓ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ କାମ କରୁଛି । ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାକୁ ଘରେ ଘରେ ପହଞ୍ଚାଇବା ପାଇଁ କର୍ମୀମାନେ ସକ୍ରିୟ ଭାବେ କାମ କରିବାକୁ ଆହ୍ୱାନ ଦିଆଯାଇଥିଲା ।

ଏହି ଅବସରରେ ଲକ୍ଷ୍ମୀପ୍ରିୟା ନାୟକ କହିଥିଲେ ଯେ, ଦଳୀୟ କର୍ମୀମାନଙ୍କ ଏକତା ହିଁ ସଂଗଠନର ପ୍ରମୁଖ ଶକ୍ତି । ପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ ଲୋକଙ୍କ ସମସ୍ୟା ବୁଝି ତାହାର ସମାଧାନ ପାଇଁ ଦଳ ସଦା ସମୟରେ ଲୋକଙ୍କ ସହ ରହିବ । ଆଗାମୀ ଦିନରେ ଧୁଂଗିଆପୁଟ ପଞ୍ଚାୟତର ବିକାଶ ପାଇଁ ଆହୁରି ଗୁରୁତ୍ୱ ସହ କାମ କରାଯିବ ବୋଲି ସେ ପ୍ରକାଶ କରିଥିଲେ ।

ଶେଷରେ ସମସ୍ତ କର୍ମୀ ଏକତାବଦ୍ଧ ହୋଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳର ସଫଳତା ପାଇଁ କାମ କରିବାକୁ ସଂକଳ୍ପ ନେଇଥିଲେ ।

# ଚିତ୍ରକୋଣ୍ଡାରେ ପ୍ରଶାସନର ବଡ଼ କାର୍ଯ୍ୟାନୁଷ୍ଠାନ: ଚାଲିଲା ବୁଲ୍‌ଡୋଜର, କୋଟିଏରୁ ଅଧିକ ମୂଲ୍ୟର ସରକାରୀ ଜମି ଜବରଦଖଲ ମୁକ୍ତ



ମାଲକାନଗିରି, ୨୮।୫ (ଆନିସ): ଚିତ୍ରକୋଣ୍ଡା ଅଞ୍ଚଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ ହାଟପଦା ସ୍ଥିତ ସର୍ବସାଧାରଣ ଜମି ଉପରେ ବ୍ୟକ୍ତିଗତ ଘର ଗୁଡିକର ଜବରଦଖଲ ଉଚ୍ଛେଦ ଅଭିଯାନ କରାଯାଇଛି । ଗତକାଲି ଚିତ୍ରକୋଣ୍ଡା ସହରର କେନ୍ଦ୍ରସ୍ଥଳରେ ଥିବା ବହୁମୂଲ୍ୟ ସରକାରୀ ଜମି ଉପରେ ଦୀର୍ଘ ଦିନ ଧରି ହୋଇଥିବା ଅବୈଧ ନିର୍ମାଣକୁ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି। ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜସ୍ୱ ବିଭାଗ, ସ୍ଥାନୀୟ ପୋଲିସ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗକୁ ନେଇ ଏକ ସ୍ୱତନ୍ତ୍ର ସଂଯୁକ୍ତ ଟିମ୍ ଗଠନ କରାଯାଇଥିଲା। ଗୁରୁବାର ସକାଳୁ ଉକ୍ତ ଟିମ୍ ଜେସିବି ଓ ବୁଲ୍‌ଡୋଜର ସହ ଘଟଣାସ୍ଥଳରେ ପହଞ୍ଚି ବେଆଇନ ଭାବେ ଗଢ଼ିଉଠିଥିବା ପକ୍କା ଘର, ବାଣିଜ୍ୟିକ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ଅସ୍ଥାୟୀ ନିର୍ମାଣକୁ ଉଚ୍ଛେଦ କରିବା ଆରମ୍ଭ କରିଥିଲା। ସୂଚନା ଥାଉ କି, କେତେକ ପ୍ରଭାବଶାଳୀ ବ୍ୟକ୍ତି ଓ ସ୍ଥାନୀୟ ଲୋକେ ସରକାରୀ ଜମିକୁ ମାଡ଼ି ବସି ବହୁଦିନ ଧରି ବେଆଇନ ଭାବେ ଘର ଓ ଦୋକାନ ବଜାର କରି ବ୍ୟବସାୟ ଚଳାଇଥିଲେ। ଏହାକୁ ଖାଲି କରିବା ପାଇଁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପକ୍ଷରୁ ପୂର୍ବରୁ ଏକାଧିକ ସରକାରୀ ନୋଟିସ ଜାରି କରାଯାଇଥିଲା। ପ୍ରଶାସନିକ ଚେତାବନୀ ସତ୍ତ୍ୱେ କେତେକ ଜବରଦଖଲକାରୀ ସ୍ୱଇଚ୍ଛାରେ ଜମି ଖାଲି କରିନଥିଲେ। ଫଳରେ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଶାସନକୁ ଏଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିଛି।ଉଚ୍ଛେଦ ସମୟରେ ଯେଭଳି କୌଣସି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନହୁଏ, ସେଥିପାଇଁ ଘଟଣାସ୍ଥଳରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ କର୍ଡନ ମଧ୍ୟରେ ଅତି ଶାନ୍ତି-ଶୃଙ୍ଖଳାର ସହ ସମଗ୍ର ପ୍ରକ୍ରିୟା ଶେଷ ହୋଇଛି। ଏହି ସଫଳ ଅଭିଯାନ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ସରକାରୀ ଜମି ହେଉଛି ଜନସାଧାରଣଙ୍କ ସମ୍ପତ୍ତି। ଏହାକୁ ସୁରକ୍ଷିତ ରଖିବା ଏବଂ ଭବିଷ୍ୟତର ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟବହାର କରିବା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ। ସର୍ବସାଧାରଣ ପାଇଁ ଉଦ୍ଦିଷ୍ଟ ସରକାରୀ ଜମି କେମିତି ଜବରଦଖଲ ମୁକ୍ତ ହେବ, ତା ପାଇଁ ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି ଚାଲିଛି, ଆଗାମୀ ଦିନରେ ଏହା କାର୍ଯ୍ୟକାରୀ କରାଯିବ, ତତସହିତ ଘରଡିହ ହୀନ ପରିବାର ମାନଙ୍କୁ ସରକାରୀ ବ୍ୟବସ୍ଥା ଭିତରେ ଘରଡିହ ଜମି ପ୍ରଦାନ କରାଯିବ । ଏହି ଉଚ୍ଛେଦ ସମୟରେ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡା ଙ୍କ ସମେତ ପୋଲିସ, ଅଗ୍ନିଶମ ଓ ଟିପିଏସଡିଏଲର କର୍ମଚାରୀ ଉପସ୍ଥିତ ଥିଲେ।

# ରାୟଗଡା ରାଜନୀତିରେ ବିଜୁ ସ୍ୱାଭିମାନ ମଞ୍ଚର ଏଣ୍ଟ୍ରି ଜୋରଦାର

## ପଞ୍ଚାୟତ ନିର୍ବାଚନ ପାଇଁ କୋଲନରାରୁ ରଣହୁଙ୍କାର ହଜାର ହଜାର ସମର୍ଥକଙ୍କ ସମାବେଶରେ ସଂଗଠନ ଶକ୍ତି ପ୍ରଦର୍ଶନ

ରାୟଗଡା,୨୯।୫(ଆନିସ): ଆସନ୍ତା ପଞ୍ଚାୟତ ନିର୍ବାଚନକୁ ନଜରରେ ରଖି ରାୟଗଡା ଜିଲ୍ଲାରେ ବିଜୁ ସ୍ୱାଭିମାନ ମଞ୍ଚ ପକ୍ଷରୁ ରାଜନୈତିକ ରଣନୀତି ପ୍ରସ୍ତୁତି ଆରମ୍ଭ ହୋଇଛି। ଗାଁ ସ୍ତରରେ ସଂଗଠନକୁ ମଜବୁତ କରିବା ସହ ଜନସମ୍ପର୍କ ବୃଦ୍ଧି ପାଇଁ ମଞ୍ଚର ନେତୃତ୍ୱ ଗୁରୁତ୍ୱ ଦେଇଛନ୍ତି। ବିଜେପି, ବିଜେଡି ଓ କଂଗ୍ରେସ ଭଳି ମୁଖ୍ୟ ରାଜନୈତିକ ଦଳଙ୍କୁ ଟକ୍କର ଦେବା ଲକ୍ଷ୍ୟରେ ବିଜୁ ସ୍ୱାଭିମାନ ମଞ୍ଚ ରାୟଗଡା ରାଜନୀତିରେ ନିର୍ବାଚନୀ ଉଷ୍ମତା ବଢ଼ାଇଦେଇଛି।ଜିଲ୍ଲାର କୋଲନରା ବ୍ଲକ ସଦର ମହକୁମାରୁ ହଜାର ହଜାର ସମର୍ଥକଙ୍କ ରାଲି ଅମ୍ଳାଭଟ୍ଟା ସ୍ଥିତ ଶ୍ରୀକ୍ଷେତ୍ର ଟାଉନସିପ ପରିସର ପଡ଼ିଆରେ ପହଞ୍ଚିବା ପରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା। ମଞ୍ଚର ଆବାହକ ତଥା ସଭାପତି ବରିଷ୍ଠ ନେତା ଏନ୍. ଭାସ୍କର ରାଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାରେ ପୂର୍ବତନ ମନ୍ତ୍ରୀ ଲାଳବିହାରୀ ହିମିରିକା, ଆଦିବାସୀ ନେତ୍ରୀ ବାମୁଣୀ ମିନିୟାକା, ଚନ୍ଦ୍ରକାନ୍ତ ସାମଲ, ବାନାଗଡି ତିରୁପତି, ଶ୍ରମିକ ନେତା ନିରଞ୍ଜନ ପାତ୍ର, ଦୁଡଲା ଶ୍ରୀନିବାସ ରାଓ ଓ ହର ପ୍ରସାଦ ହେପୃକାଙ୍କ ସମେତ ଅନେକ ସ୍ଥାନୀୟ ଜନପ୍ରତିନିଧି ଓ କର୍ମୀମାନେ ଯୋଗଦେଇଥିଲେ। ସମାବେଶରେ ମଞ୍ଚ ଗଠନର ଆଭିମୁଖ୍ୟ ସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ଯୋଗ୍ୟ ପ୍ରାର୍ଥୀ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ପୂର୍ବତନ ମନ୍ତ୍ରୀ ଲାଳବିହାରୀ ହିମିରିକା। ଏହାସହ ମଞ୍ଚାସୀନ ନେତୃମଣ୍ଡଳୀ ଭାସ୍କର ରାଓଙ୍କ ନେତୃତ୍ୱ ଓ ସାଙ୍ଗଠନିକ ଦକ୍ଷତାକୁ ପ୍ରଶଂସା କରିଥିଲେ।ସମାବେଶରେ ଯୁବ ଓ ମହିଳା କର୍ମୀମାନଙ୍କର ବ୍ୟାପକ ଯୋଗଦାନ ଦେଖିବାକୁ ମିଳିଥିଲା। ସଂଗଠନକୁ ଗାଁଗାଁରେ ଆହୁରି ଶକ୍ତିଶାଳୀ କରିବା ସହ ପଞ୍ଚାୟତ ନିର୍ବାଚନରେ ସଫଳତା ହାସଲ କରିବାକୁ ସେମାନେ ସଂକଳ୍ପ ନେଇଥିଲେ।ବୈଠକରେ ପ୍ରତ୍ୟେକ ଗାଁ ଓ ୱାର୍ଡରେ କର୍ମୀମାନଙ୍କୁ ସକ୍ରିୟ କରି ସାଧାରଣ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦେଇ ଆଗକୁ ବଢ଼ିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ସଭାପତି ଭାସ୍କର ରାଓ କହିଥିଲେ, ଲୋକଙ୍କ ସହ ସରାସରି ସମ୍ପର୍କ ବଢ଼ାଇ ସେମାନଙ୍କ ଅଭିଯୋଗ ଓ ସମସ୍ୟାକୁ ମଞ୍ଚର ପ୍ରାଥମିକ ଏଜେଣ୍ଡା କରାଯିବ।ପଞ୍ଚାୟତ ନିର୍ବାଚନ ପୂର୍ବରୁ ଆୟୋଜିତ ଏହି ରଣନୀତି ସମାବେଶ ରାୟଗଡା ଜିଲ୍ଲାର ରାଜନୈତିକ ପରିବେଶକୁ ଆହୁରି ସକ୍ରିୟ କରିଥିବା ଚର୍ଚ୍ଚା ହେଉଛି।

## ଆମେ ବନବାସୀ ନୁହେଁ ଆଦିବାସୀ ।।।।।।।।

# ଅମିତ ଶାହା ଭୁଲ ମାଗନ୍ତୁ: ଆଦିବାସୀ କଂଗ୍ରେସ




କେନ୍ଦୁଝର, ୨୯।୫ (ଆନିସ): ଗତ ୨୪ ତାରିଖରେ ଆଦିବାସୀ ସମାଜ ମାନଙ୍କୁ ଏକତ୍ରିତ କରି ନୂଆଦିଲ୍ଲୀରେ ଏକ ଆଦିବାସୀ ସମାବେଶରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ତାଙ୍କ ଭାଷଣ ଆଦିବାସୀ ମାନଙ୍କୁ ବାରମ୍ବାର ବନବାସୀ କହି ଅପମାନିତ କରିବା ସହିତ ତାଚ୍ଛଲ୍ୟ କରିଥିଲେ ଯାହାକି ଆଦିବାସୀ ସମାଜ ପ୍ରତି ଘୋର ଦୁଃଖ ଦାୟକ ଘଟଣା ଆଜି ପୂର୍ବତନ ସାଂସଦ ତଥା ରାଜ୍ୟ ଆଦିବାସୀ କଂଗ୍ରେସ ଅଧକ୍ଷ ଯଶବନ୍ତ ସିଂ ଲାଗୁରିଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା ସ୍ଥାନୀୟ କଂଗ୍ରେସ ଭବନରୁ ଏକ ଶୋଭାଯାତ୍ରାରେ କଂଗ୍ରେସ କର୍ମୀମାନେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେପି ଓ ସରକାରଙ୍କ ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ ପୂର୍ବତନ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକଙ୍କ ଅଧକ୍ଷତାରେ ଏହି ପ୍ରତିବାଦ ସଭାରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, କଂଗ୍ରେସ ନେତା ଗୌରହରି ନାଏକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ଜିଲ୍ଲା ଆଦିବାସୀ କଂଗ୍ରେସ ସଭାପତି ଅନିରୁଦ୍ଧ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା ଏଥିରେ ଜିଲ୍ଲା ଉପସଭାପତି ଲଳିତ ମୋହନ ନାୟକ, ଦେବେନ୍ଦ୍ର ନାଥ ନାଏକ, ନିର୍ମଳ କୁମାର ନାଏକ, ବ୍ଲକ କଂଗ୍ରେସ ସଭାପତି ଉତ୍ତମ କୁମାର ସାହୁ, ଗୋବିନ୍ଦ ମହାନ୍ତ, ସୁବ୍ରତ କୁମାର ଚକ୍ର, ରଂଜିତ କୁମାର ବେହେରା, ଜିଲ୍ଲା ଦଳିତ କଂଗ୍ରେସ ସଭାପତି ରଶ୍ମି ରଞ୍ଜନ ଜେନା, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାସ, ସୁଢଳ କୁମାର ସେଠି, ପ୍ରଫୁଲ୍ଲ ଚନ୍ଦ୍ର ଜେନା, ରତ୍ନାକର ଜେନା, ଯୁବ କଂଗ୍ରେସ ନେତା ସୌମ୍ୟରଞ୍ଜନ ରାଉତ, ସନତ ପାଢ଼ୀ, ଆନନ୍ଦ ମାଝୀ, ମାନସ ବେହେରା, ବେଦବ୍ୟାସ ବେହେରା, ପ୍ରକାଶ ସାହୁ, ଅଭିନାଶ ଓଝା, ରସାନନ୍ଦ ଜେନା, ଗିରିପ୍ରିୟା ଉମାକାନ୍ତ ସାହୁ, ପରମେଶ୍ୱର ନାଏକ ଓ ମଦନ ମୋହନ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

## କେନ୍ଦୁଝରେ ଏସ୍ଆଇଆର୍ ନେଇ ଗଣମାଧ୍ୟମକୁ ଜିଲ୍ଲାପାଳଙ୍କ ସୂଚନା

# ଯୋଗ୍ୟ ଭୋଟର ରହିବେ ଅଯୋଗ୍ୟ ବିଦା ହେବେ

କେନ୍ଦୁଝର, ୨୯।୫ (ଆନିସ): ଭାରତୀୟ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ଅନୁଯାୟୀ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)-୨୦୨୬ ସମ୍ପର୍କରେ ଶୁକ୍ରବାର ଦିନ ଦରବାର ହଲଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦୁଝର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ବିଶାଲ ସିଂହ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଜିଲ୍ଲାସ୍ତରର ପ୍ରସ୍ତୁତି ବାବଦରେ ବିସ୍ତୃତ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସମ୍ବୋଧିତ କରି ଜିଲ୍ଲାପାଳ କହିଛନ୍ତି ଯେ, ଏହି ସ୍ୱତନ୍ତ୍ର ସଘନ ସଂଶୋଧନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମସ୍ତ ଯୋଗ୍ୟ ଭୋଟରଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ଏବଂ ଅଯୋଗ୍ୟ ଭୋଟରଙ୍କ ନାମ ବାଦ୍ ଦେବା। ଏହି କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲାର ସମସ୍ତ ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଯଥା: ତେଲକୋଇ (ଏସ୍‌ଟି), ଘସିପୁରା, ଆନନ୍ଦପୁର (ଏସ୍‌ସି), ପାଟଣା (ଏସ୍‌ଟି), କେନ୍ଦୁଝର (ଏସ୍‌ଟି) ଏବଂ ଚମ୍ପୁଆରେ କରାଯିବ। ଜିଲ୍ଲାପାଳ ପ୍ରକାଶ କରିଛନ୍ତି ଯେ, ଏହି ସଂଶୋଧନ ପ୍ରକ୍ରିୟା ଚାରୋଟି ମୁଖ୍ୟ ପର୍ଯ୍ୟାୟରେ ସମ୍ପନ୍ନ ହେବ: ଘରକୁ ଘର ବୁଲି ପରିଗଣନା, ଚିଠା (ଡ୍ରାଫ୍ଟ) ଭୋଟର ତାଲିକା ପ୍ରକାଶନ, ଦାବି ଓ ଆପତ୍ତି ଗ୍ରହଣ ସମୟ ଏବଂ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ସହ ଅପିଲ୍ ବ୍ୟବସ୍ଥା।

ଧାର୍ଯ୍ୟ ସୂଚୀ ଅନୁଯାୟୀ, ମେ ୩୦ ରୁ ଜୁନ୍ ୨୮, ୨୦୨୬ ପର୍ଯ୍ୟନ୍ତ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍ଓ) ମାନେ ଘରକୁ ଘର ବୁଲି ସର୍ଭେ କରିବେ। ଏହି ସମୟରେ ମାନେ ସମସ୍ତ ବିଦ୍ୟମାନ ଭୋଟରଙ୍କୁ ଗଣନା ଫର୍ମ ବଣ୍ଟନ କରିବେ ଏବଂ ତାହା ପୂରଣ କରିବାରେ ସାହାଯ୍ୟ କରିବେ। ଭୋଟରମାନେ ସ୍ୱୀକୃତି ସ୍ୱରୂପ ଗୋଟିଏ ନକଲ ନିଜ ପାଖରେ ରଖିବେ ଏବଂ ଅନ୍ୟ ନକଲଟିକୁ ସଂଶୋଧନ ପ୍ରକ୍ରିୟା ପାଇଁ ସଂଗ୍ରହ କରିବେ। ନାଗରିକମାନେ ଚାହିଁଲେ ଅନଲାଇନ ମାଧ୍ୟମରେ ମଧ୍ୟ ଗଣନା ଫର୍ମ ଦାଖଲ କରିପାରିବେ। ଏହି ଗଣନା ପ୍ରକ୍ରିୟା ସମୟରେ



ମାନଙ୍କୁ ସହଯୋଗ କରିବା ସହ ସଠିକ୍ ସୂଚନା ପ୍ରଦାନ କରିବାକୁ ଜିଲ୍ଲାପାଳ ସମସ୍ତ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଜୁଲାଇ ୫, ୨୦୨୬ ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ଏହାପରେ ନାଗରିକମାନେ ଜୁଲାଇ ୫ ରୁ ଅଗଷ୍ଟ ୪, ୨୦୨୬ ପର୍ଯ୍ୟନ୍ତ ନିଜର ଦାବି ଓ ଆପତ୍ତି ଦାଖଲ କରିପାରିବେ। ଭୋଟର ସଂଶୋଧନ ଅଧିକାରୀ ମାନେ ସମସ୍ତ ଦାବି ଓ ଆପତ୍ତିର ଶୁଣାଣି ଏବଂ ସମାଧାନ କରିବା ପରେ ସେପ୍ଟେମ୍ବର ୬, ୨୦୨୬ ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।ଅପିଲ୍ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇ ଜିଲ୍ଲା ନିର୍ବାଚନ ଅଧିକାରୀ କହିଛନ୍ତି ଯେ, ଙ୍କ ନିଷ୍ପତ୍ତିରେ ଅସନ୍ତୁଷ୍ଟ କୌଣସି ବି ବ୍ୟକ୍ତି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଅପିଲ୍ କରିପାରିବେ। ଆବଶ୍ୟକ ସ୍ଥଳେ, ୩୦ ଦିନ ମଧ୍ୟରେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦ୍ୱିତୀୟ ଅପିଲ୍ ମଧ୍ୟ କରାଯାଇପାରିବ। ଜିଲ୍ଲାର ପରିସଂଖ୍ୟାନ ସମ୍ପର୍କରେ ସୂଚନା ଦେଇ ଜିଲ୍ଲାପାଳ କହିଛନ୍ତି ଯେ, ୦୪-କେନ୍ଦୁଝର ସଂସଦୀୟ ନିର୍ବାଚନ ମଣ୍ଡଳୀ ଅଧୀନରେ କେନ୍ଦୁଝର ଜିଲ୍ଲାର ୬ଟି ବିଧାନସଭା ମଣ୍ଡଳୀ ଆସୁଛି ଏବଂ ଏହାର ସମୁଦାୟ ଭୋଟର ସଂଖ୍ୟା ୧୩,୭୨,୬୫୧। ଜିଲ୍ଲାରେ ବର୍ତ୍ତମାନ ୧,୭୨୩ ଟି ପୋଲିଂ ଷ୍ଟେସନ ରହିଛି ଏବଂ ନୂତନ ଭାବେ ୧୯୨ ଟି ପୋଲିଂ ଷ୍ଟେସନ ସୃଷ୍ଟି କରାଯିବା ପରେ ସମୁଦାୟ ପୋଲିଂ ଷ୍ଟେସନ ସଂଖ୍ୟା ୧,୯୧୫ କୁ ବୃଦ୍ଧି ପାଇବ। ଏହି ସଂଶୋଧନ କାର୍ଯ୍ୟ ପାଇଁ ସମୁଦାୟ ୧,୯୧୫ ଜଣ ଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏକ ସ୍ୱଚ୍ଛ, ନିର୍ଭୁଲ ଏବଂ ସର୍ବସାମୁଖ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଜିଲ୍ଲାପାଳ ସମସ୍ତ ରାଜନୈତିକ ଦଳ, ନିର୍ବାଚିତ ପ୍ରତିନିଧି ଏବଂ ସାଧାରଣ ଜନତାଙ୍କୁ ଅନୁରୋଧ କରିଛନ୍ତି। ସହାୟତା ପାଇଁ ନାଗରିକମାନେ ପ୍ଲାଟଫର୍ମ ମାଧ୍ୟମରେ ନିଜ ନିଜର ଙ୍କ ସହ ଯୋଗାଯୋଗ କରିପାରିବେ, ଜିଲ୍ଲା ଓ କାର୍ଯ୍ୟାଳୟରେ ସ୍ଥାପିତ ହେଲ୍ପ ଡେସ୍କ ନିକଟକୁ ଯାଇପାରିବେ, ଭୋଟର ହେଲ୍ପଲାଇନ ନମ୍ବର ୧୯୫୦ କୁ କଲ୍ କରିପାରିବେ କିମ୍ବା ଭୋଟର ସେବା ପୋର୍ଟାଲ୍ ପରିଦର୍ଶନ କରିପାରିବେ।

ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ( ନିର୍ବାଚନ) ଶ୍ରୀମତୀ ଅରୁଣିମା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଏବଂ ସହକାରୀ ଜିଲ୍ଲାପାଳ ସନ୍ତୋଷ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଜଗତସିଂହପୁରେ ନାବାଳିକା ମାତୃତ୍ୱ ପ୍ରସଙ୍ଗ ଉଦବେଗଜନକ

# ୨୦୨୩-୨୪ ସୁଦ୍ଧା ୨୯୫ ନାବାଳିକାଙ୍କ ମାତୃତ୍ୱ ଲାଭ

ଜଗତସିଂହପୁର,୨୯।୫ (ଆନିସ): ବାଲ୍ୟବିବାହ ବା ନାବାଳିକା ବିବାହ ନ କରିବା ପାଇଁ ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଅର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ କରିବା ସହିତ ଗ୍ରାମାଞ୍ଚଳର ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀ ମାନଙ୍କ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି ।ଏହା ବ୍ୟତୀତ ଗ୍ରାମାଞ୍ଚଳର ବିଭିନ୍ନ କାନ୍ଥ ରେ ଲେଖା ଯିବା ସହ ବ୍ୟାନର ମାଧ୍ୟମରେ ଯେତେ ସଚେତନ କରାଯାଉଥିବା କୁହାଯାଉଥିବା ବେଳେ ସେହି ପରିମାଣରେ ବାଲ୍ୟ ବିବାହ ବା କୁମାରୀ ମାତୃତ୍ୱ ପ୍ରସଙ୍ଗ ଉଦବେଗ ଜନକ ହୋଇପଡୁଛି ।

ଜଗତସିଂହପୁର ଜିଲ୍ଲା ଏକ ଶିକ୍ଷିତ ଜିଲ୍ଲା ହୋଇଥିଲେ ମଧ୍ୟ ଜିଲ୍ଲାରେ ଅମୁନି ନାବାଳିକା ମାତୃତ୍ୱ ଲାଭ ପ୍ରସଙ୍ଗ । ମମତା ଯୋଜନା ଆବେଦନ ଆଧାରରେ ମିଳିଥିବା ତଥ୍ୟ ଅନୁସାରେ ୨୦୧୯-୨୦ ବର୍ଷରେ ୩୪ ଜଣ ନାବାଳିକା ମାତୃତ୍ୱ ଲାଭ କରିଥିବା ବେଳେ ୨୦୨୦-୨୧ରେ ୧୫୩ଜଣ ୨୦୨୧-୨୨ରେ ୨୯୨ ଜଣ ୨୦୨୨-୨୩ ରେ୧୯୭ ଜଣ ଏବଂ ୨୦୨୩-୨୪ ରେ ସର୍ବାଧିକ ୨୯୫ ଜଣ ନା ବାଳିକା ମାତୃତ୍ୱ ଲାଭ କରିଥିବା ଚିହ୍ନଟ କରାଯାଇଛି ।ତେବେ ଜିଲ୍ଲାରେ ନା ବାଳିକା ମାତୃତ୍ୱ ଏକ ଚିନ୍ତାଜନକ ବିଷୟ ହୋଇପଡିଛି । ସଦ୍ୟ ମିଳିଥିବା ସୂଚନା ଅନୁସାରେ ଉକ୍ତ ଜିଲ୍ଲାର କୁଜଙ୍ଗ ଅଞ୍ଚଳର ଜଣେ ୧୪ ବର୍ଷୀୟା ନା ବାଳିକା ୧ ବର୍ଷ ୬ ମାସ ତଳେ କେନ୍ଦ୍ରାପଡା ଜିଲ୍ଲା ଗରଦପୁର ଅଞ୍ଚଳ ର ଜଣେ ନା ବାଳକକୁ ବିବାହ କରିଥିଲେ ।ଗତ ତିନିଦିନ ତଳେ ନା ବାଳିକା ଜଣକର ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତି କରାଯାଇଛି ।ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଜଣାପଡିଛି ।ଡାକ୍ତର ତାଙ୍କର ସୁରକ୍ଷିତ ପ୍ରସବ ପାଇଁ ଉଦ୍ୟମ ଜାରି ରଖିଛନ୍ତି ।ଏହା ବ୍ୟତୀତ ଗତ କିଛିଦିନ ପୂର୍ବରୁ ମଧ୍ୟ ଦୁଇ ଜଣ ନାବାଳିକା କୁମାରୀ ମାତୃତ୍ୱ ଲାଭ କରିଥିଲେ ।ଘଟଣା ସମ୍ପର୍କରେ ମେଡିକାଲ ଅଧିକାର ସି ଡବ୍ଲୁ କୁ ସୂଚନା ଦେଇଥିବା କହିଛନ୍ତି ଜିଲ୍ଲା ଅତିରିକ୍ତ ଚିକିତ୍ସା ଅଧିକାରୀ ଡା ସରୋଜ ଜେନା ।ହେଲେ ଶିକ୍ଷିତ ଜିଲ୍ଲା ଜଗତସିଂହପୁରରେ ଏହି ଘଟଣାକୁ ନେଇ ଦିନକୁ ଦିନ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ।ତେବେ ସରକାର ବିଜ୍ଞାପନ ମାଧ୍ୟମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଏହି ପ୍ରସଙ୍ଗ କୁ ବନ୍ଦ କରିବା ପାଇଁ ଯୋଜନା କରୁଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଓ ଶିଶୁ ମଙ୍ଗଳ କମିଟିର ପଦକ୍ଷେପ ଉପରେ ପ୍ରଶ୍ନ ବାଚି ଶ୍ରୁଷ୍ଟି ହୋଇଛି ।ବାଲ୍ୟ ବିବାହ ବା ନାବାଳିକା ମାତୃତ୍ୱ ଏକ ଦଣ୍ଡନୀୟ ଅପରାଧ ହୋଇଥିବା ବେଳେ ମା ଓ ଶିଶୁ ଙ୍କ ଜୀବନ ପ୍ରତି ବିପଦ ରହିଥାଏ ।ତେଣୁ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଏହାର ହାର ନ କମାଇଲେ ଆଗାମୀ ଦିନରେ ବହୁ ମା ଓ ଶିଶୁଙ୍କ ଜୀବନ ଅନ୍ଧାର ଭିତରକୁ ଠେଲିହୋଇ ଯିବାର ବହୁସମ୍ଭାବନା ରହିଛି ।

# ଓଡ଼ିଶା ଅମଲା ସଂଘର ତ୍ରୟବାର୍ଷିକ ସମ୍ମିଳନୀ ଅନୁଷ୍ଠିତ, ନିର୍ବାଚନକୁ ଅସନ୍ତୋଷ

ପୁରୀ, ୨୯।୫ (ଆନିସ): ଓଡ଼ିଶା ଅମଲା ସଂଘ ତ୍ରୟବାର୍ଷିକ ସମ୍ମିଳନୀ ଏବଂ ନିର୍ବାଚନ ଚଳିତ ମେ ମାସ ୨୬ ଓ ୨୭ ଦୁଇ ଦିନ ଧରି ସ୍ଥାନୀୟ ଭିଆଇପି ରୋଡ ସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ସମ୍ମିଳନୀ ପୂର୍ବରୁ ରାଜ୍ୟର ବିଭିନ୍ନ ଜିଲ୍ଲାର ଜିଲ୍ଲା ସଭାପତି, ସମ୍ପାଦକ ଏବଂ ଜିଲ୍ଲା ସ୍ତରୀୟ ଅମଲାମାନଙ୍କ ପକ୍ଷରୁ ସଂଘର ନୂତନ ରାଜ୍ୟ କମିଟି ଗଠନ ପାଇଁ ସଂବିଧାନ ସମ୍ମତ, ସ୍ୱଚ୍ଛ ଓ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟା ଅନୁସରଣ କରାଯିବାକୁ ବାରମ୍ବାର ଦାବି କରାଯାଇଥିଲା। କିନ୍ତୁ, ଉପସ୍ଥିତ ଅନେକ ସଦସ୍ୟଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ୨୭ ତାରିଖ ଦିନ ଦୀର୍ଘ ସମୟ ଧରି କାର୍ଯ୍ୟରତ ରାଜ୍ୟ କମିଟି କୌଣସି ସ୍ୱତନ୍ତ୍ର ନିର୍ବାଚନ ପ୍ରକ୍ରିୟା କରି ନ ଥିଲେ । ସାଧାରଣ ସଦସ୍ୟମାନଙ୍କ ମତାମତ କିମ୍ବା ଜିଲ୍ଲାସ୍ତରୀୟ ପ୍ରତିନିଧିମାନଙ୍କ ସମ୍ମତି ଗ୍ରହଣ ନ କରି ସମ୍ପୂର୍ଣ୍ଣ ଗୁପ୍ତ ଭାବରେ ଏବଂ ନିଜ ନିଜ ମଧ୍ୟରେ ସଲା ସୂତାରା କରି ପୁନର୍ବାର ରାଜ୍ୟ ସଭାପତି, ସାଧାରଣ ସମ୍ପାଦକ ଓ ଅନ୍ୟାନ୍ୟ ପଦବୀ ପାଇଁ ନିଜ ନିଜ ମଧ୍ୟରେ ହିଁ ନିଜ ନିଜ ନାମ ଗୁଡିକୁ ଘୋଷଣା କରିଥିବା ଅଭିଯୋଗ ହୋଇଛି। ସମ୍ମିଳନୀରେ ଉପସ୍ଥିତ ଶତାଧିକ ଅମଲା ଏହି ପ୍ରକ୍ରିୟାକୁ ତୀବ୍ର ବିରୋଧ କରି ଅସନ୍ତୋଷ ପ୍ରକାଶ କରି ଥିଲେ । ଏହାକୁ ଗଣତାନ୍ତ୍ରିକ ପରମ୍ପରା, ସଂଘର ସଂବିଧାନିକ ମୂଲ୍ୟବୋଧ ଓ ସଦସ୍ୟମାନଙ୍କର ଅଧିକାରବୋଧ ସହ ସମନ୍ୱୟଶୀଳ ନୁହେଁ ବୋଲି ମତ ପ୍ରକାଶ କରି ଏହି ଏକଚାଟିଆ ନିଷ୍ପତ୍ତି କୁ ଜୋରଦାର ବିରୋଧ କରିଥିଲେ ।

ସେହିପରି ଆଜିର ବୈଠକ ଶେଷ ଭାଗରେ ଅନେକ ସଦସ୍ୟ ବର୍ତ୍ତମାନର ସ୍ୱ-ଘୋଷିତ କମିଟି ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ମଧ୍ୟ ସୂଚନା ଦେଇଥିବା ଜଣାପଡ଼ିଛି। ଜାଣିଶୁଣି ଅନ୍ତିମ ସମୟରେ ଉକ୍ତ ଘୋଷଣା ହେଲା ପରେ, ପୁରୀ ଆୟୁର୍ବେଦ କଲେଜ ପ୍ରାଙ୍ଗଣରେ ଉପସ୍ଥିତ ଅନେକ ଅମଲା ଶାନ୍ତିପୂର୍ଣ୍ଣ ଭାବେ ଉଭୟ ଲିଖିତ ଓ ମୌଖିକ ପ୍ରତିବାଦ ଜଣାଇ ନୂତନ ରାଜ୍ୟ କମିଟି ପାଇଁ ପୁନର୍ବାର ଯଥାଶୀଘ୍ର ସ୍ୱଚ୍ଛ, ନ୍ୟାୟସଂଗତ ଓ ବିଧିସମ୍ମତ ନିର୍ବାଚନ କରାଯିବାକୁ ଦାବି କରିଥିଲେ। ଏହାସହ ରାଜ୍ୟ ସରକାର ଏବଂ ଗୃହ ବିଭାଗଙ୍କ ନିକଟରେ ଏହି ବିଷୟରେ ଆବଶ୍ୟକ ହସ୍ତକ୍ଷେପ କରାଯିବାକୁ ମଧ୍ୟ ସେମାନେ ଲିଖିତ ଭାବରେ ଜଣାଇବେ ବୋପି ଘୋଷଣା କରିଥିଲେ । ଉପସ୍ଥିତ ସଦସ୍ୟମାନଙ୍କ ପକ୍ଷରୁ ଏହି ମତ ମଧ୍ୟ ପ୍ରକାଶ ପାଇଥିଲା ଯେ, ବିଧିସମ୍ମତ ଓ ସଂବିଧାନ ସମ୍ମତ ନିର୍ବାଚନ ମାଧ୍ୟମରେ ନୂତନ କମିଟି ଗଠିତ ହେବା ପର୍ଯ୍ୟନ୍ତ, ବର୍ତ୍ତମାନ ର ସ୍ୱ-ଘୋଷିତ କମିଟିକୁ ସରକାରୀ ସ୍ତରରେ ସ୍ୱୀକୃତି ପ୍ରଦାନ ନ କରାଯାଉ ଏବଂ ସେମାନଙ୍କ ଏହି ନୂତନ କର୍ମକର୍ତ୍ତାଙ୍କୁ ରଦ୍ଦ କରାଯାଉ ।

ଆଜିର ଏହି ଘଟଣା ସଂଘର ଗଣତାନ୍ତ୍ରିକ ପରମ୍ପରା, ସଂଗଠନାତ୍ମକ ସ୍ୱଚ୍ଛତା ଓ ସଦସ୍ୟମାନଙ୍କ ମୌଳିକ ଅଧିକାର ସମ୍ପର୍କରେ ଗଭୀର ଆଲୋଚନା ଏବଂ ପ୍ରଶ୍ନ ଉତ୍ତୋଳନ କରିଛି। ଏଠାରେ କହିବା ବହୁଲ୍ୟ ଯେ , ଗତ ଥର ମଧ୍ୟ ଅର୍ଥାତ ୩ ବର୍ଷ ପୂର୍ବରୁ ମଧ୍ୟ ସେହି ସମାନ ପ୍ରକ୍ରିୟା ରେ ଏମିତି ହି ନୂତନ କମିଟି ଗଠନ କରାଯାଇଥିଲା ।




Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, Ph. (0680) 3560603, 7749999711, 9337892106,
ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା
Editor: Pramod Kumar Panda